ଧରିତ୍ରୀ
DHARITRI
June 9-15, 2024 ₹2/-

ଛୁଟିଦିନ

# କଣ୍ଢେଇ ବାହାଘର



ପ୍ରଚ୍ଛଦ ପ୍ରସଙ୍ଗ
୪

ରୋସଣୀ କରି ବର ଆସେ। ପୁରା ବୈଦିକ ରୀତିନୀତିରେ କନ୍ୟା ସହ ବରର ବେଦୀରେ ବାହାଘର ହୁଏ। ବନ୍ଧୁବାନ୍ଧବ, ଭୋଜିଭାତରେ ସାରା ଗାଁ ହୁଏ ଉତ୍ସବମୁଖର। ତେବେ ଏହି ସତସତିକା ବାହାଘରରେ ବରକନ୍ୟା କିନ୍ତୁ କଣ୍ଢେଇ। ରଜ ସମୟରେ ଓଡ଼ିଶାର କେତେକ ଅଞ୍ଚଳରେ ଦେଖିବାକୁ ମିଳେ ଏହି ବାହାଘର...।



# ଘଣ୍ଟାକୁ ନେଇ ବାସ୍ତୁ ବିଶ୍ୱାସ

ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଥିବା ପ୍ରତ୍ୟେକଟି ବସ୍ତୁର ପ୍ରଭାବ ଆମ ଜୀବନ ଉପରେ ପଡିଥାଏ। ସେମିତି ଏକ ବସ୍ତୁ ହେଉଛି ଘଡ଼ି ବା ଘଣ୍ଟା। ସମୟ ଜାଣିବା ପାଇଁ ଆମେ ସାଧାରଣତଃ ଘରେ ଘଣ୍ଟା ଲଗାଇଥାଉ। କିନ୍ତୁ ଏହି ଘଣ୍ଟା ଲଗାଇବା ପାଇଁ ସଠିକ୍ ଦିଗର ଚୟନ କରିବା ନିତାନ୍ତ ଜରୁରୀ। ନଚେତ୍ ଏହାର କୁପ୍ରଭାବ ଆମ ଜୀବନ ଉପରେ ପଡିପାରେ। ଯେମିତିକି:




*ଘଣ୍ଟାକୁ ସର୍ବଦା ଘରର ପୂର୍ବ, ପଶ୍ଚିମ ଅଥବା ଉତ୍ତର ଦିଗର କାନ୍ଥରେ ଲଗାଇବା ଦରକାର। ଯେହେତୁ ଦକ୍ଷିଣ ଦିଗ ହେଉଛି ଯମରାଜଙ୍କର ଦିଗ ତେଣୁ ସେହି ଦିଗରେ ଘଣ୍ଟା ଲଗାଇବା ଠିକ ନୁହେଁ। କାରଣ ଏହାଦ୍ୱାରା ଘରର ସଦସ୍ୟଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ। ଖାସ୍ କରି ଆୟୁ ଓ ସ୍ୱାସ୍ଥ୍ୟହାନୀର ଏହା କାରଣ ସାଜିଥାଏ ବୋଲି ବିଶ୍ୱାସ ରହିଛି।

*କେବେ ବି ଘରର ମୁଖ୍ୟଦ୍ୱାର ବା ମୁଖ୍ୟଦ୍ୱାରର କବାଟ ଉପରେ ଘଣ୍ଟା ଲଗାନ୍ତୁ ନାହିଁ। ଏମିତି କରିବା ଦ୍ୱାରା ଘରେ ସର୍ବଦା ଝଗଡ଼ା ଲାଗିରହେ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

*ଘଣ୍ଟାକୁ ସବୁବେଳେ ସଫା ରଖନ୍ତୁ। ଏହା ଉପରେ ଧୂଳି ଜମିବାକୁ ଦିଅନ୍ତୁ ନାହିଁ। ଭାଙ୍ଗି ଯାଇଥିବା କିମ୍ବା ଅଚଳ ଘଣ୍ଟାକୁ ଆଦୌ ଘରେ ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ଅଶୁଭ ହୋଇଥାଏ ବୋଲି ବିଶ୍ୱାସ ରହିଛି।

*ଅନ୍ୟପକ୍ଷେ ଘଣ୍ଟାକୁ କେବେ ବି ବିଳମ୍ବରେ ଚାଲିବାକୁ ଦେବେ ନାହିଁ। ଦରକାର ପଡିଲେ ଏହାର ସମୟକୁ ଦୁଇ ତିନି ମିନିଟ୍ ଆଗକୁ ପଛେ କରିଦେବେ ହେଲେ ଆଦୌ ପଛୁଆ କରିବେ ନାହିଁ। ଏହାଦ୍ୱାରା ପରିବାର ଲୋକଙ୍କ ସମୟାନୁବର୍ତ୍ତିତା ଉପରେ ଖରାପ ପ୍ରଭାବ ପଡ଼ିଥାଏ ବୋଲି କୁହାଯାଏ।

*ଘରର ହଲ୍‌ରେ ପେଣ୍ଡୁଲମ୍ ଘଣ୍ଟା ଲଗାଇବା ଅତ୍ୟନ୍ତ ଶୁଭ ହୋଇଥାଏ ବୋଲି କୁହାଯାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ଜୁନ ୯-୧୫**

### ମେଷ



ବନ୍ଧୁଙ୍କ ସଦିଚ୍ଛା ଓ ସହାନୁଭୂତି, ଆନୁସଙ୍ଗିକ ସାହାଯ୍ୟପ୍ରାପ୍ତି, ପାରିବାରିକ ସଦ୍‌ଭାବ, ପରିବହନରେ ବିବାଦ, ପ୍ରକାଶନରେ ବିଳମ୍ବ, ଋଣଗ୍ରସ୍ତ ହେବେ, ପରିବାରରେ ଭୁଲ୍ ବୁଝାମଣା, ରୋଗପୀଡା କମିବ, ନୂତନସମ୍ପର୍କ ସ୍ଥାପନ।

### ବୃଷ


ସ୍ୱାସ୍ଥ୍ୟ ସମସ୍ୟାରୁ ଦୁଃଖ, ପୁରାତନ ଗୃହ ମରାମତି, ଯାନ୍ତ୍ରିକ ଜିନିଷ କ୍ରୟ, ପ୍ରତିଦ୍ୱନ୍ଦ୍ୱୀ ପରାସ୍ତ ହେବେ, ଅବହେଳାରୁ କାର୍ଯ୍ୟହାନୀ, ଶିଳ୍ପବାଣିଜ୍ୟରେ ଉନ୍ନତି, ସାମାଜିକ ସମ୍ମାନ, ମିତ୍ରବନ୍ଧୁ ବିରୋଧ, ମିଥ୍ୟାଭିଯୋଗ ଆସିପାରେ।

### ମିଥୁନ



ଅନୁକୂଳ ପରିସ୍ଥିତି, ବନ୍ଧୁଙ୍କ ଆଦର ଅଭ୍ୟର୍ଥନା, ଭ୍ରାତୃବିବାଦର ଅବସାନ, କୁଟନୈତିକ ସଫଳତା, କଟୁକଥାରୁ ସମ୍ପର୍କହାନୀ, ଯାତ୍ରା ସ୍ଥଗିତ ରହିବ, ପୁରୁଣା ଜିନିଷର ମରାମତି, ପଡୋଶୀଙ୍କ ସହୃଦୟତା।

### କର୍କଟ


ଫଳପ୍ରଦ ଆଲୋଚନା, ସମସ୍ୟାର ସମାଧାନ, ଦୁଃସାହାସିକ କାର୍ଯ୍ୟ କରିବେ, ଯୋଗ ଶିକ୍ଷାରେ ରୁଚି, ସାହିତ୍ୟ କୃତିରୁ ପ୍ରଶଂସା, ସାଂଗଠନିକ କାର୍ଯ୍ୟ, ନୂଆ ଯୋଜନା କରିବେ।

### ସିଂହ


ପ୍ରଭାବଶାଳୀ ରହିବେ, କଥାର ଓଜନ ବଢିବ, ବନ୍ଧୁମାନେ ପାଖେଇ ଆସିବେ, ଅଭାବ ରହିବନି, ବନ୍ଧୁବତ୍ସଳ ହେବେ, ସଭାସମିତିକୁ ନିମନ୍ତ୍ରଣ, ପରିବାରରେ ବ୍ୟତିକ୍ରମ, ପଡୋଶୀଙ୍କ କଟୁକ୍ତି, ଲୌହତୈଳ ଯନ୍ତ୍ରାଂଶରୁ ଲାଭ।

### କନ୍ୟା


ସମାଧାନର ମାର୍ଗ ଉନ୍ମୁକ୍ତ ହେବ, ଜୀବନଚର୍ଯ୍ୟା ସୁନ୍ଦର ରହିବ, ଆତ୍ମୀୟମାନେ ପାଖେଇ ଆସିବେ, ଜନକଲ୍ୟାଣ କର୍ମ କରିବେ, ପରିବାରରେ ମନାନ୍ତର, ରଚନାତ୍ମକ କାମରୁ ପ୍ରଶଂସା, ସାମ୍ବାଦିକତାରେ ଗୌରବ, ଏଜେନ୍ସିପ୍ ବଢିବ, ଆଇନ ସହାୟତା ପାଇବେ।

### ତୁଳା


ପ୍ରତିବନ୍ଧକ ଦୂର ହେବ, ସଫଳତା ଆଶା କରିବେ, ଗୃହ ନିର୍ମାଣ ପୂର୍ଣ୍ଣାଙ୍ଗ ହେବ, କଣ୍ଟ୍ରାକ୍ଟରୀ କାମରେ ଉନ୍ନତି, କର୍ମକ୍ଷେତ୍ରରେ ପ୍ରଶଂସା, ପ୍ଲଟିଙ୍ଗ କାରବାରରେ ଉନ୍ନତି, ଉଚ୍ଚପଦବୀର ସୂଚନା, ଶେୟାର ବଜାରରେ ଉନ୍ନତି, ପ୍ରକଳ୍ପାଦି କାର୍ଯ୍ୟାରମ୍ଭ।

### ବିଛା


କର୍ମକ୍ଷେତ୍ରରେ ସମ୍ମାନଲାଭ, ପଦମର୍ଯ୍ୟାଦା ବୃଦ୍ଧି, କଳାରେ ଉତ୍କର୍ଷତା, ପ୍ରଶାସନିକ ସଫଳତା, ଯାତ୍ରାରୁ ସୁଫଳ ପାଇବେ, ଆର୍ଥିକ ଅଭିବୃଦ୍ଧି, ମାଲିମକଦ୍ଦମାରେ ବିଜୟ, ପ୍ରତିଯୋଗୀତାରେ ସଫଳତା, ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ହେବେ।

### ଧନୁ


ସ୍ୱାସ୍ଥ୍ୟ ଭଲ ରହିବ, ପାରିବାରିକ ସ୍ଥିତି ଭଲ ରହିବ, ସଂଘର୍ଷର ଅବସାନ, ଉଦ୍ୟମ ବୃଥା ହେବ ନାହିଁ, ପ୍ରତିଯୋଗିତାରେ ସଫଳତା, ସ୍ତ୍ରୀଙ୍କ ପ୍ରେରଣାରେ ଉପକୃତ, ଅର୍ଥ ସମ୍ପର୍କୀୟ ବିବାଦ, କ୍ରୀଡାସଙ୍ଗୀତରେ ସମ୍ମାନ, ସମସ୍ୟା ସମାଧାନ, ଧର୍ମକାର୍ଯ୍ୟରେ ଆଗ୍ରହ।

### ମକର


ସମୟୋଚିତ ପଦକ୍ଷେପ, ପ୍ରୋତ୍ସାହନ ପାଇବେ, ଅନୁକୂଳ ବାତାବରଣ ସୃଷ୍ଟି, ଜମିଜମା କ୍ରୟବିକ୍ରୟ, ବାଣିଜ୍ୟର ଅଭିବୃଦ୍ଧି, ଗବେଷଣାରେ ସୁନାମ, ଆର୍ଥିକ ଦୂରବସ୍ଥା ସୁଧାରିନେବେ, ପାରିବାରିକ ସମ୍ପର୍କରେ ନ୍ୟୁନତା, ସାଂଗଠନିକ କାର୍ଯ୍ୟ, ବନ୍ଧୁବତ୍ସଳ ହେବେ॥

### କୁମ୍ଭ


ଅବାସ୍ତବ କଳ୍ପନା, ମାନସିକ ବିଭ୍ରାନ୍ତି, ପାରିବାରିକ ଜୀବନରେ ସନ୍ଦେହ, ନୂତନ ଯୋଜନା ଆରମ୍ଭ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା, ରଚନାତ୍ମକ କାର୍ଯ୍ୟାରମ୍ଭ, ବିବାହପ୍ରସ୍ତାବ ସ୍ଥିରୀକୃତ, ସନ୍ତାନଙ୍କ କୃତିତ୍ୱ, ଋଣ ପରିଶୋଧ ଚିନ୍ତା, ସାଧୁସଙ୍ଗର ସୁଯୋଗ ଲାଭ॥

### ମୀନ


କର୍ମଜଞ୍ଜାଳ ବୃଦ୍ଧି, ପାରିବାରିକ ଶାନ୍ତି, ସ୍ୱର୍ଣ୍ଣାଳଙ୍କାର କ୍ରୟ, ଲୋକସମ୍ପର୍କ ବୃଦ୍ଧି, ଲେଖାପଢାରେ ଉନ୍ନତି, ଗବେଷଣାରେ ଅଗ୍ରଗତି, ମାନସିକ ଚାପ କମିବ, ଭୁଲ୍ ବୁଝାମଣା ଦୂର ହେବ, ବିଳାସ ବ୍ୟସନାନୁରାଗୀ ହେବେ, ଉଚ୍ଚପଦବୀର ସୂଚନା, ବନ୍ଧୁଙ୍କ ଆତ୍ମୀୟତା॥

# ସ୍ୱାସ୍ଥ୍ୟପ୍ରଦ ପିଜୁଳି

ପିଜୁଳିରେ ପ୍ରଚୁର ପରିମାଣରେ ଭିଟାମିନ ଓ ଖଣିଜତତ୍ତ୍ୱ ଭରି ରହିଥାଏ। ଏହାକୁ ନିୟମିତ ବ୍ୟବଧାନରେ ଖାଇବା ଦ୍ୱାରା ଆମ ଶରୀରକୁ ଅନେକ ଉପକାର ମିଳିଥାଏ।



ଯେମିତିକି: ଏଥିରେ ଥିବା ପୋଟାସିୟମ୍ ଓ ମ୍ୟାଗ୍‌ନେସିୟମ୍ ହୃତ୍‌ପିଣ୍ଡ ଏବଂ ମାଂସପେଶୀକୁ ମଜ୍‌ଭୁତ୍ ରଖିବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ସେହିପରି କୁହାଯାଏ, ଏଥିରେ ଥିବା ବିଭିନ୍ନ ପ୍ରକାରର ଭିଟାମିନ୍ସ ଯୋଗୁ ଏହାକୁ ନିୟମିତ ଖାଇବା ଦ୍ୱାରା ଥଣ୍ଡା, କାଶ ଜନିତ ସମସ୍ୟା କମ୍ ଦେଖାଯାଇଥାଏ। ଏପରିକି କେଶକୁ ମଜ୍‌ଭୁତ୍ କରିବା ଓ ସେଥିରେ ଚମକ୍ ଆଣିବାରେ ବି ଏହା ବେଶ୍ ସହାୟକ ହୋଇଥାଏ। ଆଖିକୁ ମଧ୍ୟ ଏହା ସୁସ୍ଥ ରଖେ। ତା’ଛଡ଼ା ପିଜୁଳି ଖାଇଲେ ଅନେକ ଚର୍ମ ରୋଗରୁ ବି ମୁକ୍ତି ମିଳିଥାଏ। କୋଷ୍ଠ କାଠିନ୍ୟ ସମସ୍ୟା ପାଇଁ ବି ପିଜୁଳି ଖୁବ୍ ଉପକାରୀ। ନିୟମିତ ପିଜୁଳି ଖାଇବା ଦ୍ୱାରା କୋଷ୍ଠ କାଠିନ୍ୟ ସମସ୍ୟା ଧୀରେ ଧୀରେ ଭଲ ହୋଇଯାଇଥାଏ। ସେହିପରି କୁହାଯାଏ ନିୟମିତ ପିଜୁଳି ଖାଇଲେ ପାଟି ଘା’ ହେବାର ଆଶଙ୍କା ଖୁବ୍ କମ୍ ରହିଥାଏ। ଏପରିକି ଏହା ଶରୀରରେ କୋଲେଷ୍ଟ୍ରୋଲ୍‌କୁ ବି ନିୟନ୍ତ୍ରଣରେ ରଖିଥାଏ।

# ପାଠକୀୟ

✲ ପ୍ରଶାସନକୁ ଅପେକ୍ଷା ନ କରି ନିଜ ଅଞ୍ଚଳର ଜଳ ସମସ୍ୟାକୁ ନିଜେ ସମାଧାନ କରିବାକୁ ଚେଷ୍ଟା କରିଛନ୍ତି। କିଏ ପାନୀୟ ଜଳ ଦେଇ ଜୀବନ ବଞ୍ଚାଇଛନ୍ତି ତ କିଏ ଟାଙ୍ଗରା ଭୂଇଁକୁ ଶସ୍ୟଶ୍ୟାମଳା କରିଛନ୍ତି। ତେଣୁ ଏହି ‘ଜଳ ପାଇଁ’ ଶୀର୍ଷକକୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ବେଶ୍ ମନଛୁଆଁ ହୋଇଥିଲା। ‘ସ୍ୱପ୍ନରେ ଦେବଦେବୀଙ୍କୁ ଦେଖୁଥିଲେ’, ‘ଉପକାରୀ ଅଙ୍ଗୁର’ ଆଦି ପାଠରୁ ବହୁ ଉପାଦେୟ କଥା ଜାଣିହେଲା।

***– ମିନାକ୍ଷୀ ଦାସ, ମାଲକାନଗିରି***

✲ ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶିତ ‘ଜଳ ପାଇଁ’ ଶୀର୍ଷକ ପ୍ରଚ୍ଛଦ ପ୍ରସଙ୍ଗଟି ପ୍ରେରଣାଦାୟୀ ହେବା ସହ ଶିକ୍ଷଣୀୟ ଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ ‘ଫ୍ଲୋରାଲ୍ ଆଉଟ୍‌ଫିଟ୍’ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ କବି ଡ. ଫନୀ ମହାନ୍ତିଙ୍କ ଜୀବନି ସମ୍ପର୍କରେ ଅନେକ କଥା ଜାଣିହେଲା।

***– ରୁପେଶ ମହାନ୍ତି, ସୁନ୍ଦରଗଡ଼***

✲ ସୃଜନ ପୃଷ୍ଠାରେ ସ୍ଥାନିତ ‘ଖଣ୍ଡେ ପାନ’ ଶୀର୍ଷକ ଗପଟି ବେଶ୍ ମନଛୁଆଁ ଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ ‘ଭାଗ୍ୟବତୀ ଭୂମି’, ‘ସଲ୍ଲୁଙ୍କ ପ୍ରଶଂସାରେ ସଞ୍ଜୟ, ‘ବ୍ୟସ୍ତ ଅଛନ୍ତି ଅନନ୍ୟା’ ଆଦି ପାଠଗୁଡ଼ିକ ରୋଚକପୂର୍ଣ୍ଣ ଥିଲା। କଥାକାର ତନ୍ମୟୀ ପଣ୍ଡାଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ମନଛୁଆଁ ହୋଇଥିଲା। ***– ମନୋଜ ବିଶୋଇ, ପୋଖରୀପୁଟ, ଭୁବନେଶ୍ୱର***

✲ ‘କଳାଗ୍ରାମ ସାରଙ୍ଗଯୋଡ଼ି’ ଶୀର୍ଷକ ଆଲେଖ୍ୟରୁ ବହୁ ଉପାଦେୟ କଥା ଜାଣିହେଲା। ମଡେଲ୍ ମିରର୍‌ରେ ସୋନାଲି ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ସହରଠୁ ଦୂର ପୃଷ୍ଠାରୁ ‘ଅନନ୍ୟ ହିଲ୍‌ଷ୍ଟେଶନ ନୌକୁଚିଆତାଲ’ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିଲା। ହାଃ ହାଃ ବି ମଜାଦାର୍ ଥିଲା।

***– ତପୁ ଦାଶ, ମୟୂରଭଞ୍ଜ***

✲ ବିବିଧା ପୃଷ୍ଠାରେ ସ୍ଥାନିତ ‘ଖୁନୀ ଦରୱାଜା’ ଶୀର୍ଷକ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ଓ ତଥ୍ୟପୂର୍ଣ୍ଣ ଥିଲା। ସେହିପରି ଚିନ୍ମୟ ଚିନ୍ତନ ‘କର୍ମାନୁଯାୟୀ ଦଣ୍ଡ, ପୁଣି ଗୋଟିଏ ଜନ୍ମରେ’ଟି ପ୍ରେରଣାଦାୟୀ ହେବା ସହ ମନଛୁଆଁ ଲାଗୁଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ‘ସବୁଠୁ ଦାମୀ କେକ୍’, ‘ପୋଷା ପଥର’, ‘ରଣପା’ରେ ଚାଲନ୍ତି ଏହି ଜନଜାତି’ ଶୀର୍ଷକ ପାଠଗୁଡ଼ିକ ବେଶ୍ ନିଆରା ଥିଲା।

***– ପୁଷ୍ପଲତା ଦାଶ, ସମ୍ବଲପୁର***




## ବିଶେଷ ଚିଠି

‘ଜଳ ପାଇଁ’ପ୍ରଚ୍ଛଦରୁ
ପାଇଲୁ ନୂଆ ନୂଆ ଜ୍ଞାନ,
ଅଙ୍ଗୁର ଓ କିଆ ଫୁଲର
ଉପାଦେୟ ଗୁଣ ଲାଗିଲା ଭଲ।
ଜନଜାତିଙ୍କର ଚାଲି ଚଳଣ
ଜାଣୁ ଲେଖକଙ୍କ ସାହିତ୍ୟ ଦାନ,
ପ୍ରଥମ ରୋଜଗାର ସ୍ମୃତି ଅଭୁଲା
‘ପୋଷା ପଥର’ ଅତି ସୁନ୍ଦର ଥିଲା।
କଳାଗ୍ରାମ ସାରଙ୍ଗ ଯୋଡ଼ି
ଅନେକ କଳାର କୁହୁକ ପେଡ଼ି,
ଛୁଟିଦିନ ସାଥେ ମିଶିଲେ ମନ
ଜଣାପଡ଼େ ନାହିଁ ରାତି କି ଦିନ।

***–ଆଚାର୍ଯ୍ୟ କ୍ଷିତୀଶ ଜେନା, କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795
ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ବେଶି ଡରେ ଭୂତକୁ

ଖୁବ୍ କମ୍ ବୟସରେ ସେ ଆସିଥିଲେ ଅଭିନୟ ଜଗତକୁ । ଇଚ୍ଛା ଥିଲା ନାୟିକା ଦୌଡ଼ରେ ସାମିଲ ହେବାର। ହେଲେ ସାଜିଗଲେ ଖଳନାୟିକା । ଲୋକଙ୍କ ଗାଳିକୁ ସେ ନିଜ ଅଭିନୟ ଜୀବନର ସାର୍ଥକତା ମଣିଲେ । ସେ ହେଲେ ଅଭିନେତ୍ରୀ **ଲିପିକା ପରିଡ଼ା**। ଏଥର ସେଲିବ୍ରିଟି ସିକ୍ରେଟ୍‌ରେ ଜାଣିବା ତାଙ୍କ ସମ୍ପର୍କରେ କିଛି...



ଆମ ଘର ଯାଜପୁରରେ। ଛୋଟବେଳେ ବାପା ଯାତ୍ରାରେ କାମ କରୁଥିବାରୁ ମୁଁ ଓ ମୋ ମା' ବେଶି ସମୟ ମାମୁଘର ସୋରରେ ରହୁଥିଲୁ। ତେଣୁ ଗାଁ ପରିବେଶରେ ମୋର ବହୁତ ସମୟ ବିତିଛି। ଗାଁରେ ପର୍ବପର୍ବାଣି ପାଳନ କରିବାର ମଜା ଅଲଗା। ଖାସ୍‌କରି ରଜରେ ନୂଆଡ୍ରେସ୍ ପିନ୍ଧି, ଅଳତା ଲଗାଇ ଦୋଳି ଖେଳ ସାଙ୍ଗକୁ ଲୁଡୁ ଖେଳିବା, ପାନ ଓ ମୋ ପ୍ରିୟ ଚକୁଳି ପିଠା ଖାଇବା କଥା ଆଜି ବି ମୋର ମନେପଡ଼େ।

**ପ୍ରେରଣା:** ବାପା କ୍ଲାସିକାଲ ଡ୍ୟାନ୍ସର ଓ ସେ ଯାତ୍ରା ପାର୍ଟିରେ କାମ କରୁଥିଲେ। ସେ ହିଁ ମୋତେ କଳା ଜଗତକୁ ଆଣିଛନ୍ତି। ହେଲେ ଅଭିନୟ ପ୍ରତି ମୋର ପ୍ରଥମେ ରୁଚି ନ ଥିଲା। ନାଚ ପ୍ରତି ରୁଚି ଥିଲା। ୨-୩ ବର୍ଷ ବୟସରୁ ମୁଁ ନାଚିବା ଆରମ୍ଭ କରିଥିଲି। ବାପା ଥିଲେ ମୋ ପ୍ରଥମ ନୃତ୍ୟଗୁରୁ। ପଞ୍ଚମ ଶ୍ରେଣୀରୁ କ୍ଲାସିକାଲ ଡ୍ୟାନ୍ସ ସହ ଗୀତ ଶିଖିଲି। ବିଭିନ୍ନ ସ୍ଥାନରେ ଡ୍ୟାନ୍ସ ପରଫର୍ମ କରିବା ସହ ଗୀତ ଗାଉଥିଲି।

**ଅଭିନୟରେ ପାଦ ଓ ସଂଘର୍ଷ:** ନୃତ୍ୟରେ କ୍ୟାରିୟର କରିବି ବୋଲି ଭାବୁଥିବାରୁ ୨୦୧୭ରେ ଭୁବନେଶ୍ୱର ଆସି ନାଚ ଶିଖିଲି। ହେଲେ ହଠାତ୍ ମନକୁ ଆସିଲା ଯେ, ମୁଁ ନାଚି ପାରୁଛି ଗାଇ ବି ପାରୁଛି। ଅଭିନୟ କାହିଁକି କରିପାରିବିନି। ତେଣୁ ୨୦୧୯ରେ 'ରଜ କୁଇନ୍'ରେ ଭାଗ ନେଲି। ଫାଇନାଲ ପୂର୍ବରୁ କିନ୍ତୁ କଟିଗଲି। ସେହି ବର୍ଷ ପୁଣି 'ସିନେଷ୍ଟାର କି ଖୋଜ୍'ରେ ଅଡିଶନ୍ ଦେଲି। ସେଥିରେ ବି ସିଲେକ୍ଟ ହେଲି କିନ୍ତୁ କିଛି ପାର୍ସିଆଲିଟି ଯୋଗୁ ଅଧାରୁ କଟିଗଲି। ନିଷ୍ପତ୍ତି ନେଲି ଯେମିତି ହେଉ ଅଭିନୟରେ ପାରଙ୍ଗମ ହେବି। ମୋ ପାଇଁ ବାପା ଏକ ଆଇନା ଆଣିଲେ। ତା' ସାମ୍ନାରେ ମୁଁ ଅଭ୍ୟାସ କରୁଥାଏ। ଏମିତିରେ ହଠାତ୍ ମୋତେ ଅଫର୍ ଆସିଲା 'ହାପି ଏଣ୍ଡିଂ' ସିନେମାରେ ଅଭିନୟ କରିବା ପାଇଁ। 'ସିନେଷ୍ଟାର କି ଖୋଜ୍'ର ଅଡିଶନ୍ ବେଳେ ଦେଇଥିବା କଣ୍ଟାକ୍ଟ ନମ୍ବରରୁ ସେମାନେ ମୋତେ କଲ୍ କରିଥିଲେ। ବହୁତ ଖୁସିରେ ସେଥିରେ କାମ କଲି। ହେଲେ ଅଭିନୟରେ ବିଶେଷ ଦକ୍ଷତା ନ ଥିବାରୁ ଶୁଟିଂ ସମୟରେ ବହୁତ ଗାଳି ଶୁଣିଲି। ଏମିତି କି ମୋ ପାଇଁ ଅନେକ ଥର ଶୁଟିଂ ବନ୍ଦ ହୋଇଛି। କଞ୍ଚାଲଙ୍କାରେ ଫିଲ୍ମଟି ରିଲିଜ ହୋଇଥିଲା। ହେଲେ ଦୁର୍ଭାଗ୍ୟ ମୋ ପିଛା ଛାଡ଼ି ନ ଥିଲା। ପରେ ଦୁଇଟି ଚ୍ୟାନେଲର ଭଲ ଭଲ ସିରିୟଲରେ କାମ କରିବା ପାଇଁ ମୋତେ ଚୟନ କରାଯିବା ସହ ଏଗ୍ରିମେଣ୍ଟ ବି ହେଲା। ହେଲେ ଶେଷ ସମୟରେ ମୋତେ ବାହାର କରି ଅନ୍ୟକୁ ନିଆଗଲା।



**ଖଳନାୟିକା ପାଇଁ ଅଫର୍:** ବାରମ୍ବାର ରିଜେକ୍ସନ ଯୋଗୁ ମୁଁ ପୂରା ଭାଙ୍ଗି ପଡ଼ିଥିଲି। ଅଭିନୟ କରିବିନି ବୋଲି ଭାବିଲି। ହେଲେ ହଠାତ୍ ୬ ମାସ ପରେ ଜି' ଚ୍ୟାନେଲରୁ କଲ୍ ଆସିଲା 'ରହିଛି ରହିବି ତୋରି ପାଇଁ'ରେ ଅଳ୍ପ ଦିନ ଲାଗି ନେଗେଟିଭ କ୍ୟାରେକ୍ଟର କରିବାକୁ। କ'ଣ କରିବି ଭାବି ପାରିଲିନି। କାରଣ ମୋ ମନରେ ହିରୋଇନ୍ ହେବାର ଇଚ୍ଛା ଥିଲା। ସେକେଣ୍ଡ ଲିଡ୍ ପୁଣି ନେଗେଟିଭ୍ ରୋଲ କରିବାକୁ ପଛଘୁଞ୍ଚା ଦେଉଥିଲି। ହେଲେ ମୋତେ ସମସ୍ତେ ବୁଝାଇଲେ ଏଥିରେ ଭଲ କାମ କଲେ ଆଗକୁ ଲିଡ୍ ରୋଲ୍ କରିବାକୁ ସୁଯୋଗ ମିଳିବ। ତେଣୁ ସେଥିରେ କାମ କଲି। ୪-୫ ମାସ କାମ କରିବା ପରେ 'ମୋ ପାଇଁ ତୁ ତୋ ପାଇଁ ମୁଁ'ରେ ପୁଣିଥରେ ନେଗେଟିଭ୍ ରୋଲ କରିବାକୁ ଅଫର୍ ଆସିଲା। ମନଲାଖି ଭୂମିକା ମିଳୁ ନ ଥିବାରୁ ମନ କଷ୍ଟ ହେଉଥିଲା। ତଥାପି ପ୍ରୀତି ଭୂମିକାରେ ଦେଢ଼ବର୍ଷ କାମ କଲି। ଲୋକେ କିନ୍ତୁ ମୋ ଚରିତ୍ରକୁ ବହୁତ ଭଲ ପାଇଲେ। ଫଳରେ ନେଗେଟିଭ୍ ଭୂମିକା କରିବାକୁ ଆଉ ଖରାପ ଲାଗିଲା ନାହିଁ। ଏହାପରେ ଗୋଟେ ପରେ ଗୋଟେ ନେଗେଟିଭ୍ ଭୂମିକାରେ କାମ କଲି। 'ତୋ ଅଗଣାର ତୁଳସୀ ମୁଁ'ର ସେକେଣ୍ଡ ଜେନେରେଶନ୍‌ରେ 'ତମନ୍ନା' ଭୂମିକାରେ କାମ କଲି। ଏହାପରେ ମୋତେ 'ଝିଲ୍ଲୀ' ସିରିୟଲର ଅଫର୍ ଆସିଲା। ସେଥିରେ ମୁଁ 'ମାୟା' ଚରିତ୍ରରେ ଅଭିନୟ କଲି। ଏହି ଚରିତ୍ର ମୋତେ ଘରେ ଘରେ ପରିଚିତ କରାଇଲା। ପରେ ହେଲା ବାହାଘର। ବାହାଘରର ଦୁଇ ମାସ ପରେ ତରଙ୍ଗର 'ମୋ ଜେଜେଙ୍କ ଲଭ୍ ଷ୍ଟୋରୀ' ପାଇଁ ଅଫର୍ ଆସିଲା। ପ୍ରଥମଥର ପାଇଁ ଲିଡ୍ କ୍ୟାରେକ୍ଟର ପୁଣି ପଜିଟିଭ ରୋଲ୍ କରିବାର ଅଫର୍ ପାଇ ବହୁତ ଖୁସି ଲାଗିଥିଲା।

**ଶାଶୁଘରେ ସମସ୍ତେ ସପୋର୍ଟିଭ୍:** ମୋର ଆରେଞ୍ଜ ମ୍ୟାରେଜ। ହେଲେ ମୋ ଶାଶୁଘରର ସମସ୍ତେ ବହୁତ ସପୋର୍ଟିଭ୍। ମୋ ଶାଶୁ ତ ମୋତେ ନେଇ ବହୁତ ଗର୍ବ କରନ୍ତି।

**ଭଲ କୁକ୍:** ମୋ ଶାଶୁ କୁହନ୍ତି ମୁଁ ଭଲ ରୋଷେଇ କରେ। ପ୍ରତିଦିନ ଯେମିତି ହେଲେ ଗୋଟେ ସ୍ପେଶାଲ ଡିଶ୍ କରେ। ରୋଷେଇକୁ ନେଇ ମୋର ଏକ ୟୁଟ୍ୟୁବ ଚ୍ୟାନେଲ ମଧ୍ୟ ଅଛି।

**ଫିଟ୍‌ନେସ୍ ପାଇଁ:** ଡ୍ୟାନ୍ସ କରେ। ଅଳ୍ପ କିନ୍ତୁ ବହୁତ ଥର ଖାଏ।

**ବିଉଟି ପାଇଁ:** ମୁଁ ଘରେ ଫ୍ରୁଟ୍ ଫେସିଆଲ କରେ। ଦରକାର ହେଲେ କେବେ କେବେ କ୍ଲିନିକ ଯାଇ ହାଇଡ୍ରା ଫେସିଆଲ କରାଏ।

**ପ୍ରିୟ ଖାଦ୍ୟ:** ଅରୁଆ ଭାତ, ଡାଲମା।

**ପ୍ରିୟ ମଣିଷ:** ମୁଁ ମୋ ନିଜକୁ ଭଲପାଇବା ସହ ବାପାଙ୍କୁ ବହୁତ ଭଲ ପାଏ।

**ଦୁଃଖ ଲାଗେ:** ଯେବେ ସବୁ ଠିକ୍ ଥାଇ ଶେଷ ମହୂର୍ତ୍ତରେ ମୋ ଜାଗାରେ ଆଉ କାହାକୁ ନିଆଯାଏ ସେତେବେଳେ ବହୁତ କଷ୍ଟ ଲାଗେ। ଏହାବାଦ୍ ଇଣ୍ଡଷ୍ଟ୍ରିରେ ଏବେ ବହୁତ ଜଣ ଅଛନ୍ତି ଯାହାଙ୍କୁ ମୁଁ ରେଫରେନ୍ସ ଦେଇ କାମ ଦେଇଛି। ହେଲେ ସେମାନେ ଏବେ ମୋତେ ପଚାରୁ ନାହାନ୍ତି। ଖାସ୍ କରି ଝିଅମାନେ ଅଧିକ ସ୍ୱାର୍ଥପର। ସେମାନେ ଅନ୍ୟକୁ ଶିଡ଼ିଭାବେ ବ୍ୟବହାର କରନ୍ତି। କାମ ହାସଲ ପରେ ଭୁଲି ଯାଆନ୍ତି।

**ଭୟ କରେ:** ମୁଁ ବେଶି ଡରେ ଭୂତକୁ, ତା'ପରେ ମରିବାକୁ। ଭୂତକୁ ଡରେ କାରଣ ବିଶ୍ୱାସ ନ ହେଲେ ବି ଏହା ସତ ଯେ, ମୋ ଦେହରେ ଦୁଇ ଦୁଇ ଥର ଆତ୍ମା ପ୍ରବେଶ କରି ମୋତେ କାବୁ କରିନେଇଥିଲା। ପରେ ବାବାଙ୍କ ପାଖକୁ ଯାଇ ତାବିଜ ପିନ୍ଧି ଠିକ୍ ହୋଇଥିଲି। ଏହାବାଦ୍ ମୋତେ ମରଣକୁ ଡର ଲାଗେ। ସେଥିପାଇଁ ଗାଡ଼ି ଧୀରେ ଚଲାଏ, ଏକୁଟିଆ ବାହାରକୁ ଯାଏନା।

**ଉଚ୍ଚଶିକ୍ଷା ପାଇଁ ଇଚ୍ଛା:** ଏବେ ମୁଁ ଯୁକ୍ତ ୩ ଫାଇନାଲ ଇୟରରେ ପଢୁଛି। ଗ୍ରାଜୁଏଶନ୍ ପରେ ହାୟର ଷ୍ଟଡି କରିବାକୁ ଭାବିଛି।

**ଅଭିନେତ୍ରୀ ନ ହୋଇଥିଲେ:** ପାଠପଢ଼ାରେ ମନ ଦେଇ ଆଇଏଏସ୍ ଅଫିସର୍ ହେବାକୁ ଚେଷ୍ଟା କରିଥାନ୍ତି।

**ଶେଷରେ:** ଏବେ ତ ମୋର ବୟସ ବହୁତ କମ୍। ଆଗକୁ ଲମ୍ବା ବାଟ ପଡ଼ିଛି। କିଛି କରିଛି ଆହୁରି ଅନେକ କିଛି କରିବାକୁ ଅଛି।

-ଶିବାନୀ ମହାନ୍ତି



# କଣ୍ଢେଇ ବାହାଘର

**ରୋସଣୀ କରି ବର ଆସେ । ପୁରା ବୈଦିକ ରୀତିନୀତିରେ କନ୍ୟା ସହ ବରର ବେଦୀରେ ବାହାଘର ହୁଏ। ବନ୍ଧୁବାନ୍ଧବ, ଭୋଜିଭାତରେ ସାରା ଗାଁ ହୁଏ ଉତ୍ସବମୁଖର। ତେବେ ଏହି ସତସତିକା ବାହାଘରରେ ବରକନ୍ୟା କିନ୍ତୁ କଣ୍ଢେଇ। ରଜ ସମୟରେ ଓଡ଼ିଶାର କେତେକ ଅଞ୍ଚଳରେ ଦେଖିବାକୁ ମିଳେ ଏହି ବାହାଘର...**



ଓଡ଼ିଶାର ଏକ ମୁଖ୍ୟ ପର୍ବ ହେଉଛି ରଜ । ବିଭିନ୍ନ ସ୍ଥାନରେ ରଜର ଭିନ୍ନ ଭିନ୍ନ ପରମ୍ପରା ଦେଖିବାକୁ ମିଳେ । ରଜର ଅଳତା ଲଗା, ଦୋଳି ଖେଳା, ପିଠାପଣା, ସଜବାଜର ପରମ୍ପରା ଭିତରେ କେଉଁଠି କେଉଁଠି ଏକ ଅନନ୍ୟ ପରମ୍ପରା ବି ଦେଖିବାକୁ ମିଳେ । ତାହା ହେଲା କଣ୍ଢେଇ ବାହାଘର । ଯାହାକି ପୁରୀ, ବାଲେଶ୍ୱର ଓ ଦେବଗଡ଼ ଜିଲ୍ଲାର କେତେକ ସ୍ଥାନରେ ଦେଖିବାକୁ ମିଳେ । ଛୋଟ ପିଲାମାନଙ୍କର କଣ୍ଢେଇ ଖେଳ ଯାହା ପରବର୍ତ୍ତୀ ସମୟରେ ବିବାହବେଳେ କନ୍ୟାକୁ ବରକନିଆର ଜଉ କଣ୍ଢେଇ ଉପହାର ଦିଆଯାଏ । ଯାହା ସେମାନଙ୍କ ଦାମ୍ପତ୍ୟ ଜୀବନକୁ ସୁନ୍ଦର କରିବ ବୋଲି ବିଶ୍ୱାସ ରହିଛି । ଆଉ ସେହି ବିଶ୍ୱାସକୁ ନେଇ ବି ହୁଏ କଣ୍ଢେଇ ବାହାଘର । ଯାହା ସମୟକ୍ରମେ ହଜିଯାଉଥିବା ବେଳେ କିଛି ସଂସ୍ଥା ଓ ବ୍ୟକ୍ତି ବିଶେଷ ନିଜସ୍ୱ ପ୍ରଚେଷ୍ଟାରେ ପୁଣିଥରେ ଏହି ପରମ୍ପରାକୁ ପୁନରୁଦ୍ଧାର କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ।

**ମାଝିପାଲିରେ ରଜପର୍ବ ସହ ହୁଏ କଣ୍ଢେଇ ବାହାଘର:** ରାଜ୍ୟର ବିଭିନ୍ନ ସ୍ଥାନରେ ରଜପର୍ବ ପାଳିତ ହେଉଥିବା ବେଳେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଦେବଗଡ଼ ଜିଲାର ଆଦିବାସୀବହୁଳ ତିଳେଇବଣି ବ୍ଲକର ମାଝିପାଲି, ଢୋଲପଡ଼ା, କଂସର, କେନ୍ଦେଇଜୁରି ଓ ଦୁଧିଆନାଳି ଆଦି ୪ଟି ପଞ୍ଚାୟତର ଲୋକେ ଏକାଠି ମିଶି ରଜପର୍ବ ପାଳନ କରିବା ସହ ଏକ ନିଆରା ଢଙ୍ଗରେ କଣ୍ଢେଇ ବାହାଘର ଉତ୍ସବକୁ ପାଳନ କରାଯାଏ । ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ରୂପେ ଯୋଗ ଦେଇଥାନ୍ତି । ଏହି ପର୍ବରେ ଅତିଥିମାନେ ରଜ ଦୋଳିଗୁଡିକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥାନ୍ତି । କିନ୍ତୁ ମାଝିପାଲି ଗ୍ରାମର ଜୟଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଜଙ୍ଘା ଲିଙ୍ଗା ଯୁବକ ସଂଘର କର୍ମକର୍ତ୍ତାମାନେ ଏକାଠି ମିଶି ଆଖପାଖ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ମାଝିପାଲି ଆମ୍ବତୋଟାରେ ମିଳିତ ହୋଇ ଏକ ନିଆରା ଢଙ୍ଗରେ କଣ୍ଢେଇ ବାହାଘର ଉତ୍ସବ ପାଳନ କରିଆସୁଛନ୍ତି । ଯାହା ରଜପର୍ବକୁ ସ୍ୱତନ୍ତ୍ର କରାଏ । ଏଠାରେ ରଜପର୍ବରେ ହେଉଥିବା ବିଭିନ୍ନ ପିଠାପଣା ଆଦି ବିଭିନ୍ନ ଆୟେଜନରେ ଭାଗ ନେବା ସହ ଦୋଳିଖେଳରେ ସାମିଲ ହୋଇଥାନ୍ତି । ରଜ ଏଠାକାର ଏକ ମୁଖ୍ୟ ପର୍ବ ହୋଇଥିବାବେଳେ ଏହି ଅବସରରେ ଆୟୋଜିତ ହେଉଥିବା କଣ୍ଢେଇ ବାହାଘର ଏଠାର ମୁଖ୍ୟ ଆକର୍ଷଣ ସାଜିଥାଏ । ପ୍ରାୟ ତିନିଦିନ ଧରି ବିଭିନ୍ନ ପାରମ୍ପରିକ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ । କିନ୍ତୁ କଣ୍ଢେଇ ବାହାଘର ରାତିରେ ଅନୁଷ୍ଠିତ ହୋଇଥାଏ । ବରପକ୍ଷ କଣ୍ଢେଇ ସହ ସୁସଜ୍ଜିତ ଗାଡ଼ିରେ ଶତାଧିକ ବରଯାତ୍ରୀଙ୍କ ସହ ମାଦଳର ତାଳେତାଳେ କନ୍ୟାଘରେ ପହଞ୍ଚିବା ପରେ ବ୍ରାହ୍ମଣଙ୍କ ଦ୍ୱାରା ବିବାହ ସମ୍ପନ୍ନ ହେବାସହ ଭୋଜିଭାତର ମଧ୍ୟ ଆୟୋଜନ କରାଯାଇଥାଏ । ସାଧାରଣ ବିବାହରେ ଯେମିତି ବାଜା, ବାଣ ଓ ଫୋଟକା ଆଦି ବ୍ୟବହୃତ ହେବାସହ 'ଶଳାବିଧା' ଓ 'ହାତଗଣ୍ଠି' ଭଳି ପରମ୍ପରା ରହିଛି ଏହି ବାହାଘରରେ ମଧ୍ୟ ଠିକ୍ ସେହିସବୁ ପରମ୍ପରାର ପାଳନ ବି ହୋଇଥାଏ । ଏଥିରେ ଶତାଧିକ କନ୍ୟାଯାତ୍ରୀ କନ୍ୟା ପକ୍ଷରୁ ମଧ୍ୟ ଛାଡିବାକୁ ଆସିଥାନ୍ତି । ପ୍ରତ୍ୟେକ ବର୍ଷ ଆଖପାଖ ଗ୍ରାମର କିଛି ପରିବାର କଣ୍ଢେଇ ବାହାଘର ପାଇଁ ବର ଏବଂ କନ୍ୟା ପକ୍ଷରୁ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥାନ୍ତି । ୩ ଦିନ ହେବାକୁଥିବା ଏହି ଉତ୍ସବରେ ଉକ୍ତ ଅଞ୍ଚଳର ହଜାର ହଜାର ଲୋକ ଯୋଗ ଦେଇ ଏହି ଉତ୍ସବର ମଜା ନେଇଥାନ୍ତି ।

**କୁଣ୍ଢେଶ୍ୱରର କଣ୍ଢେଇ ବାହାଘର:** ଗାଁ ସାହି ରାସ୍ତାରେ ବରଯାତ୍ରୀଙ୍କୁ ପଟୁଆରରେ ନେଇ ବର ଆସେ । ବରପକ୍ଷ ସୁସଜ୍ଜିତ ଗାଡିରେ ଶତାଧିକ ବରଯାତ୍ରୀଙ୍କ ସହ ବାଦ୍ୟର ତାଳେ ତାଳେ କନ୍ୟାଘର ନିକଟରେ ପହଁଚିବା ପରେ କାର୍‌ରୁ ଓହ୍ଲେଇଲା ପରେ ବରକୁ ବାଟବରଣ କରାଯାଏ । ଏହାପରେ ବରକନ୍ୟାଙ୍କୁ ବେଦିରେ ବସାଇ ପୁରୋହିତଙ୍କ ଦ୍ୱାରା ମନ୍ତ୍ରପାଠ ହୁଏ, ହୋମହୁଏ । ବର କନ୍ୟାଙ୍କ ମଧ୍ୟରେ ହାତଗଣ୍ଠି ପଡ଼େ । ଆଉସବୁ ନୀତି ନିୟମ ଭିତରେ ବିବାହକାର୍ଯ୍ୟ ସମାପ୍ତ ହୁଏ । ବର ଓ କନ୍ୟାପକ୍ଷ ଉଭୟେ ଏକାଠି ଭୋଜି ଖାଆନ୍ତି । ତେବେ ଏମିତି ବାହାଘର ପ୍ରତିବର୍ଷ ପହିଲି ରଜ ଦିନ ଦେଖିବାକୁ ମିଳେ ପୁରୀ ଜିଲାର ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସରିପୁର ଗ୍ରାମପଞ୍ଚାୟତର କୁଣ୍ଢେଶ୍ୱର ଗାଁରେ । ଏଥିରେ ପାରମ୍ପରିକ ରୀତିନୀତିରେ ସତ ବାହାଘର ପରି ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ । କିନ୍ତୁ ବେଦିରେ କଣ୍ଢେଇ ସାଜନ୍ତି ବର ଓ କନ୍ୟା । ଏହି ବାହାଘରକୁ ଗାଁର ବାଳିକାମାନେ ଧୁମଧାମରେ ପାଳନ କରିଥାନ୍ତି । ଏହି ଗାଁର ଉଲ୍ଲାସ ସାହୁ କୁହନ୍ତି, ମାଟିରେ ତିଆରି ଏକ କଣ୍ଢେଇକୁ ବରବେଶରେ ଏବଂ ସେହିପରି ଆଉ ଏକ କଣ୍ଢେଇକୁ କନ୍ୟା ବେଶରେ ସଜାଇଥାଉ । ଦୁଇ କଣ୍ଢେଇଙ୍କୁ ବେଦିରେ ବସାଇ ପାରମ୍ପରିକ ରୀତିନୀତିରେ ବିବାହ କରାଯାଇଥାଏ । ଏହିଦିନ ଗାଁରେ ଭୋଜିଭାତ ଆୟୋଜନ କରାଯାଇଥାଏ । ଆମ ଗାଁରେ ଏହି ଉତ୍ସବ ଆଜକୁ ପ୍ରାୟ ୩୦ବର୍ଷ ଧରି ପାଳନ ହୋଇ ଆସୁଛି । ଏହି ସମୟରେ ଆମ ଗାଁକୁ ଶାଶୁଘରୁ ଝିଅମାନେ ଆସିଥାନ୍ତି । ଏହି ଉତ୍ସବରେ ସେମାନେ ଯୋଗ ଦେଇ ଖୁସି ମନାଇଥାନ୍ତି । ପିଲାଦିନର ସାଙ୍ଗସାଥୀଙ୍କ ଗହଣରେ ଝିଅମାନେ ଏକାଠି ହୋଇ ରଜ ପର୍ବ ସହିତ କଣ୍ଢେଇ ବାହାଘର ଉତ୍ସବକୁ ପାଳନ କରିଥାନ୍ତି । ଗାଁର ସବୁଲୋକ ଏହି ପର୍ବରେ ଭେଦଭାବ ଭୁଲି ଯୋଗ ଦେଉଥିବାରୁ ଏହା ଭାଇଚାରାକୁ ସୁଦୃଢ଼ କରିଥାଏ ।

**କେରେଣ୍ଡିଆପାଳରେ ଝିଅମାନେ କରାନ୍ତି କଣ୍ଢେଇ ବାହାଘର :** ସତ ସତିକା ରୀତିନୀତିରେ ବିବାହ କାର୍ଯ୍ୟକ୍ରମ ଭଳି ସବୁ ବ୍ୟବସ୍ଥା ହୁଏ । ପୁରୋହିତ ଆସନ୍ତି, ହାତଗଣ୍ଠି ପଡ଼ିବା ସହ କଉଡ଼ି ଖେଳ ବି ହୁଏ । ବ୍ୟଙ୍ଗ ଭାଷାରେ ମନ୍ତ୍ର ପାଠ ହୁଏ । ମାତ୍ର ବେଦିରେ ବାଳିକାମାନେ ବସାଇଥାନ୍ତି ଦୁଇଟି କଣ୍ଢେଇଙ୍କୁ । ଏମିତି ଏକ ପରମ୍ପରା ଦେଖିବାକୁ ମିଳେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ କେରେଣ୍ଡିଆପାଳ ଗ୍ରାମରେ । ଶୁଭଶ୍ରୀ ଗିରି କୁହନ୍ତି, 'ଆମ ଗାଁରେ ଜଉକଣ୍ଢେଇ ବାହାଘର ଉତ୍ସବ ପ୍ରତିବର୍ଷ ପାଳନ ହୋଇଥାଏ । ଗତ ୧୬ ବର୍ଷ ହେଲା ଏହି କଣ୍ଢେଇ ବାହାଘର ପରମ୍ପରାକୁ ଗ୍ରାମର ଝିଅମାନେ ଆୟୋଜନ କରିଆସୁଛନ୍ତି । ଚଳିତ ବର୍ଷ ମଧ୍ୟ ଧୁମଧାମରେ କରିଛନ୍ତି । କଣ୍ଢେଇ ବାହାଘରରେ କଣ୍ଢେଇ କନିଆ ପ୍ରତୀକ୍ଷାକୁ କଣ୍ଢେଇ ବର ପ୍ରତ୍ୟୁଷ ।

→











ଏହି ବାହାଘରରେ ମଙ୍ଗନ ହୁଏ, କନ୍ୟା ହାତରେ ମେହେନ୍ଦୀ ହୁଏ , ବର ପାଦରେ ଅଳତା ବି ଲାଗେ । ଡିଜେ ବି ବାଜେ। ବରଯାତ୍ରୀଙ୍କ ନାଚର ଆସର ଜମେ, ବରଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଭୋଜିଭାତର ବ୍ୟବସ୍ଥା ହୋଇଥାଏ । ଶିବପ୍ରସାଦ ଦାସ କୁହନ୍ତି, 'କେରେଣ୍ଡିଆପାଳ ଗାଁରେ ଶାନ୍ତି ଓ ଭାଇଚାରା ବଜାୟ ରଖିବାରେ ଏହି କାର୍ଯ୍ୟକ୍ରମ ବିଗତ ୧୬ବର୍ଷ ହେବ ସହାୟକ ହୋଇଆସୁଛି ।' ସୁରେନ୍ଦ୍ର ମାଣିକ କୁହନ୍ତି, 'କୁମାରପୂର୍ଣ୍ଣିମା, ଗଜଲକ୍ଷ୍ମୀ ପୂଜା ଅବସରରେ ପ୍ରତିବର୍ଷ ଏହି କଣ୍ଢେଇ ବାହାଘର ଗ୍ରାମର ଯୁବତୀମାନେ କରିଥାନ୍ତି । ଏଠି ମଣିଷଙ୍କ ବାହାଘର ପରି ମିଛିମିଛିକା ବାହାଘର ହେଉଛି । ବାଜା ବାଜୁଛି । ରୋଶଣି ହେଉଛି । ଏ ବିବାହ, ସତ ବିବାହ ନ ଥିଲେ ମଧ୍, ସମାଜକୁ ଏକ ବାର୍ତ୍ତାଦେବା ଉଦ୍ଦେଶ୍ୟରେ ହୋଇଥାଏ । ଏ ମିଛିମିଛିକା କଣ୍ଢେଇ ବାହାଘରରେ ନବବଧୂ ନିର୍ଯାତନାକୁ ରୋକିବା, ଯୌତୁକ ପ୍ରଥାକୁ ବିରୋଧ କରିବାର ବାର୍ତ୍ତା, ସଂସ୍କୃତି, ପରମ୍ପରାକୁ ମାନିବା, ସମ୍ମାନ ଦେବା, ସମସ୍ତଙ୍କୁ ସ୍ନେହ ଦେବା ସହ ଭଲପାଇବାର ସଚେତନତା ବାର୍ତ୍ତା ଲୋକମାନଙ୍କୁ ଦିଆଯାଇଥିଲା । ବାସ୍ତବିକ ବେଦିକ ରୀତିନୀତିରେ ହେଉଥିଲା ଏ କଣ୍ଢେଇ ବାହାଘର । ବାହାଘରରେ କିପରି ଗଢ଼ି ହୋଇଥାଏ ନୂଆ ଘର, ନୂଆ ସମ୍ପର୍କ , ନୂଆ ସଂସାର ଏହା ମଧ ଶିକ୍ଷା ଦେଇଥାଏ । ଏ କଣ୍ଢେଇ ବାହାଘର ପରମ୍ପରା ଗୋଟିଏ ବାର୍ତ୍ତା ଦେଇଛି, ଘର କରିବ ତ ସମ୍ପର୍କ ଯୋଡ଼, ଦେଶ ଗଢ଼ିବ ତ ସମ୍ପର୍କ ଯୋଡ଼, ସମ୍ପର୍କ ମଧୁର ହେଉ, ସମ୍ପର୍କରେ ମଳିଧୂଳି ନ ରହୁ । ଏ ବିବାହ ସାରା ବିଶ୍ୱକୁ ଆତ୍ମୀୟତା, ସମ୍ମାନ, ସଂସ୍କୃତି ଆଉ ପରମ୍ପରାର ବାର୍ତ୍ତା ଦେଇଛି।

**ଦୋଳଠାରୁ ରଜ ଯାଏ ଚାଲେ କଣ୍ଢେଇ ବାହାଘର:** ଜଉ କଣ୍ଢେଇ ହେଉଛି ବାଲେଶ୍ୱରର ଏକ ପ୍ରାଚୀନ ଲୋକକଳା। ପରମ୍ପରା ଅନୁଯାୟୀ ବରକନ୍ୟାଙ୍କ ବିବାହ ବେଳେ କନ୍ୟା ପକ୍ଷରୁ ଦିଆଯାଉଥିବା ଜଗତ ପେଡ଼ିରେ ଜଉ ନିର୍ମିତ ବରକନ୍ୟାଙ୍କ କଣ୍ଢେଇ ଯୋଡ଼ି ଉପହାର ଭାବେ ଦିଆଯାଇଥାଏ। ଉଦ୍ଦେଶ୍ୟ ନବ ଦମ୍ପତିଙ୍କ ଦାମ୍ପତ୍ୟ ଜୀବନ ସୁଖ-ଶାନ୍ତି ଓ ସମୃଦ୍ଧିମୟ ହେବ। ଏହା ଏକ ନିଆରା ପରମ୍ପରା। ଭାରତବର୍ଷରେ ଆସାମ, କୋଲକାତା, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ଛତିଶଗଡ଼ ଆଦି ବିଭିନ୍ନ ସ୍ଥାନରେ ଜଉକଳାର ପ୍ରଚଳ ନ ଥିଲେ ମଧ୍ୟ ଜଉକଣ୍ଢେଇ ବର କନ୍ୟା ବାଲେଶ୍ୱରୀ ସଂସ୍କୃତିର ବିଶେଷତ୍ୱ ରହିଛି। ପ୍ରାୟ ଷୋଡ଼ଶ ଶତାବ୍ଦୀରୁ ଜଉ କଣ୍ଢେଇ ବାହାଘର ପରମ୍ପରା ବାଲେଶ୍ୱରରେ ଚଳିଆସୁଥିବା ବେଳେ ସମୟକ୍ରମେ କିଛି ମାତ୍ରାରେ ଏହା କମିଯାଇଥିଲା। ମାତ୍ର ଗତ ୨୦୧୧ମସିହାରୁ ପୁନର୍ବାର ବାଲେଶ୍ୱରରେ ଏହି ପରମ୍ପରାକୁ ଅଧିକ ଉତ୍ସାହର ସହିତ ପାଳନ କରାଯାଉଛି। ସାଧାରଣତଃ ଦୋଳ ଠାରୁ ରଜ ଯାଏ ଓଡ଼ିଶାର କେତେକ ଅଞ୍ଚଳରେ କଣ୍ଢେଇ ବାହାଘର ଉତ୍ସବ ହେଉଥିବା ଦେଖିବାକୁ ମିଳେ। କିନ୍ତୁ ବାଲେଶ୍ୱରରେ ପାରମ୍ପରିକ ରୀତିନୀତିରେ ଦୋଳ ବେଳେ କଣ୍ଢେଇର ନାମକରଣ, ରାମନବମୀରୁ କଣ୍ଢେଇ ନିର୍ମାଣ, ଚନ୍ଦନ ଯାତ୍ରାରେ ଲଗ୍ନ ଧରା, ଜ୍ୟେଷ୍ଠ ଶୁକ୍ଳ ପକ୍ଷ ଏକାଦଶୀରେ ଜଉକଣ୍ଢେଇ ବାହାଘର ହୋଇଥାଏ। ଏହି ବାହାଘର ବେଳେ ପ୍ରତିବର୍ଷ ବରକର୍ତ୍ତା ଓ କନ୍ୟାକର୍ତ୍ତା ଚୟନ କରାଯାଇଥାଏ।

ତେବେ ଜଉକଣ୍ଢେଇ ନିର୍ମାଣ ଶୈଳୀ ଭିନ୍ନ ଧରଣର। ଜଉ କଣ୍ଢେଇ ତିଆରି ପାଇଁ ଛାଞ୍ଚ ବ୍ୟବହାର କରାଯାଇଥାଏ। ମୁଖ୍ୟତଃ ବର କନ୍ୟା, ହାତୀ, ଘୋଡ଼ା, ଗଣେଶ,ମୟୂର, ଷଣ୍ଢ, ପାଲିଙ୍କି ଇତ୍ୟାଦି ତିଆରି ହୋଇଥାଏ। କଣ୍ଢେଇଗୁଡ଼ିକର ଆକାର ୬ରୁ ୧୦ସେ.ମି. ମଧ୍ୟରେ ହୋଇଥାଏ। ବାଲେଶ୍ୱରରେ ଦୁଇପ୍ରକାର କଣ୍ଢେଇ (ବର କନ୍ୟା)ର ପ୍ରଚଳନ ଥିଲା। ଗୋଟିଏ ମାଟିକଣ୍ଢେଇ ଏବଂ ଅନ୍ୟଟି ଜଉକଣ୍ଢେଇ। ଏଇ ଛୋଟଛୋଟ କଣ୍ଢେଇ ପ୍ରତି ପିଲାମାନଙ୍କର ଥାଏ ଖୁବ୍ ଆକର୍ଷଣ। ସେଇମାନେ ହିଁ କଣ୍ଢେଇକୁ ବସାଇ ମିଛିମିଛିକା ବାହାଘର ଖେଳ ଖେଳୁଥିଲେ। ବିଶେଷକରି କୁନି ଝିଅମାନଙ୍କର ଏହା ସବୁଠାରୁ ପ୍ରିୟ ଖେଳ ଥିଲା। ଏବେ ପିଲାମାନଙ୍କର ଉକ୍ତ ମିଛିମିଛିକା ବାହାଘର ବାଲେଶ୍ୱରର ଲୋକ ମହୋତ୍ସବରେ ପରିଣତ ହୋଇଯାଇଛି। ତେବେ ଜଉକଣ୍ଢେଇ ପରମ୍ପରା ହଜିହଜି ଯାଉଥିବାବେଳେ ସଂସ୍କୃତିପ୍ରେମୀଙ୍କୁ ଚିନ୍ତାରେ ପକାଇଛି। ଏହି ଜଉକଣ୍ଢେଇ ପୁନରୁଦ୍ଧାର ନିମନ୍ତେ ବାଲେଶ୍ୱରର **ଶିଳ୍ପୀ କେଶୁ ଦାସ**ଙ୍କ ଉଦ୍ୟମ ବେଶ୍ ପ୍ରଶଂସନୀୟ। ସେ ପୁରାତନ ସ୍ମୃତିକୁ ଫେରାଇ ଆଣିବା ପାଇଁ ଅବିରାମ ପ୍ରୟାସ ଜାରିରଖିଛନ୍ତି। ତାଙ୍କ ନେତୃତ୍ୱରେ ଅରଡ଼ବଜାର, ନଳମଗଞ୍ଜ,ବାରବାଟୀ ଓ କାଳିଦାସପୁର ଅଞ୍ଚଳରେ କେତେକ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ପାରମ୍ପରିକ ବରକନ୍ୟା ଜଉକଣ୍ଢେଇ ପ୍ରସ୍ତୁତ କରିବା ସହ ଭାରତର ବିଭିନ୍ନ ସହରରେ ଏହାର ପ୍ରଦର୍ଶନୀ, କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରି ଜଉ କଣ୍ଢେଇକୁ ସର୍ବ ଭାରତୀୟ ସ୍ତରରେ ପରିଚିତି ଦେବାକୁ ପ୍ରୟାସ ଜାରି ରଖିଛନ୍ତି।

ଏହି କଣ୍ଢେଇ ବାହାଘରର ଅନନ୍ୟ ପରମ୍ପରା ସତରେ ନିଆରା।

**-ବନବିହାରୀ ବେହେରା, ଶଶାଙ୍କ ଶେଖର ଝାଙ୍କର, ମାନସ ବିଶ୍ୱାଳ, ଶୁଭଦର୍ଶନ ମିଶ୍ର**







# ପ୍ରଥମ ତିନି ଚିକିତ୍ସିକାଙ୍କ କଥା

-ପ୍ରଦୀପ କୁମାର ରାୟ

ତଥାପି ପୃଥିବୀରେ କୌଣସି ବିଶ୍ୱଯୁଦ୍ଧ ସଂଘଟିତ ହୋଇ ନ ଥିଲା, ମନୁଷ୍ୟ ଚନ୍ଦ୍ରକୁ ଯିବାର ପରିକଳ୍ପନା ମଧ୍ୟ କରିନଥିଲା, ଏମ୍ପାୟାର ଇଷ୍ଟେଟ ବିଲ୍ଡିଂ ନିର୍ମିତ ହୋଇନଥିଲା, ନେଲ୍‌ସନ ମଣ୍ଡେଲା ଜନ୍ମଗ୍ରହଣ କରିବାକୁ ଆହୁରି ୩୩ ବର୍ଷ ବାକି ଥିଲା, ବିଶ୍ୱବିଖ୍ୟାତ ପେନ୍ସିଲିନ୍‌ର ଉଦ୍ଭାବକ ଆଲେକ୍‌ଜାଣ୍ଡାର ଫ୍ଲେମିଂ ସେତେବେଳେ ୪ ବର୍ଷର ଜଣେ ଶିଶୁ ମାତ୍ର... ହଁ ଅନେକ କିଛି ତଥାପି ହୋଇ ନ ଥିଲା ପୃଥିବୀରେ, ଅର୍ଥାତ୍ ଯେଉଁ ସମୟର କଥା କୁହାଯାଉଛି ସେହି ସମୟଟି ହେଉଛି ୧୮୮୫ ମସିହା ଅକ୍ଟୋବର ୧୦ ତାରିଖ। କ'ଣ ଘଟିଥିଲା ଏହିଦିନ? ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେବା ଭଳି ପୃଥିବୀ ପୃଷ୍ଠରେ ଏଭଳି କିଛି ଘଟି ନ ଥିଲା ସେଦିନ। କେବଳ ଗୋଟିଏ ଫଟୋ ଉଠାଯାଇଥିଲା; ଯାହାକୁ 'ବିଶ୍ୱ-ନାରୀର କ୍ଷମତା ଓ ଜ୍ଞାନର ଆଦର୍ଶ ଫଟୋ' ବୋଲି କୁହାଯାଇଥାଏ। ଫଟୋଟିର ଶୀର୍ଷକ ଥିଲା - 'ଓମେନ୍ ଇନ୍ ମେଡିସିନ୍'। ଫଟୋରେ ଅଛନ୍ତି ୩ଜଣ ଚିକିତ୍ସାଶାସ୍ତ୍ରର ଛାତ୍ରୀ। ସେମାନେ ୧୮୮୫ ମସିହା ଅକ୍ଟୋବର ୧୦ ତାରିଖ ଦିନ 'ଓମେନ୍ସ ମେଡିକାଲ କଲେଜ ଅଫ୍ ଫିଲାଡେଲ୍‌ଫିଆ' ଠାରେ ଉଠାଇଥିଲେ। ଫଟୋରେ ନିଜ ନିଜ ଦେଶର ପାରମ୍ପରିକ ପୋଷାକରେ ଥିବା ଏହି ୩ଜଣ ଛାତ୍ରୀ ହେଉଛନ୍ତି- ଡାକ୍ତର ଆନନ୍ଦିବାଈ ଜୋଷୀ (ଭାରତ), ଡାକ୍ତର କେଇ ଓକାମୀ (ଜାପାନ) ଏବଂ ଡାକ୍ତର ସାବତ୍ ଏମ. ଇସ୍‌ଲାମବଉଲି (ସିରିଆ)।

ସାମାନ୍ୟ ଗୋଟିଏ ଫଟୋକୁ ନେଇ ଏତେ କଥା କହିବାର ଉଦ୍ଦେଶ୍ୟ ହେଉଛି ଯେ, ଯେଉଁ ସମୟରେ ନାରୀର ସକଳ ସ୍ୱାଧୀନତା କେବଳ ଘରର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ଥିଲା, ପୃଥିବୀର ସବୁଠାରୁ ଉନ୍ନତ ଦେଶରେ ମଧ୍ୟ ନାରୀମାନେ ତଥାପି ଭୋଟ ଦେବାର ଅଧିକାର ପାଇ ନ ଥିଲେ, ସେହି ସମୟରେ ତିନିଜଣ ତରୁଣୀ ଭାରତ, ଜାପାନ ଏବଂ ସିରିଆରୁ ସୁଦୂର ଆମେରିକା ଯାଇ ଚିକିତ୍ସାଶାସ୍ତ୍ରରେ ଡିଗ୍ରୀ ହାସଲ କରିଥିଲେ। ଆଃ... ଭାବିଲେ ମଧ୍ୟ ଆଶ୍ଚର୍ଯ୍ୟ ହେବାକୁ ପଡ଼େ। ମାନବ ଇତିହାସର ତିନିଜଣ ଶ୍ରେଷ୍ଠତମ ମେଧାବୀ ଛାତ୍ରୀ ନିଜ ନିଜ ଦେଶର ପାରମ୍ପରିକ ପୋଷାକରେ ଅଛନ୍ତି ସେହି ଫଟୋରେ; ଯେଉଁମାନେ ତତ୍କାଳୀନ ସମାଜର ସମସ୍ତ ସାମ୍ପ୍ରଦାୟିକତା, କୁସଂସ୍କାର, ତାସଲ୍ୟ ଓ ପ୍ରତିବନ୍ଧକତା ଭାଙ୍ଗି, ନିଜ ନିଜର ଜ୍ଞାନ ଓ କ୍ଷମତାକୁ, ଜଗତ କଲ୍ୟାଣରେ ବିନିଯୋଗ କରିବା ପାଇଁ ସକ୍ଷମ ହୋଇଥିଲେ।



ଓମେନ୍ ଇନ୍ ମେଡିସିନ୍' ଶୀର୍ଷକ ଥିବା ଏହି ବିଖ୍ୟାତ ଫଟୋ

### ଡା. ଆନନ୍ଦିବାଈ ଜୋଷୀ

୧୮୬୫ ମସିହା ମାର୍ଚ୍ଚ ୩୧ ତାରିଖରେ ଏକ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିବା ଆନନ୍ଦିବାଈ ଜୋଷୀ ପ୍ରଥମ ଭାରତୀୟ ମହିଳା ଭାବରେ ଓମେନ୍ସ ମେଡିକାଲ କଲେଜ ଅଫ୍ ପେନ୍‌ସିଲଭାନିଆରୁ ୱେଷ୍ଟର୍ନ ମେଡିସିନରେ ଡିଗ୍ରୀ ହାସଲ କରିଥିଲେ। ତତ୍କାଳୀନ ସାମାଜିକ ପ୍ରଥା ଅନୁସାରେ ବ୍ରାହ୍ମଣ ପରିବାରର ଝିଅ ଆନନ୍ଦୀଙ୍କୁ ମାତ୍ର ୯ ବର୍ଷ ବୟସରେ ତାଙ୍କଠାରୁ କୋଡ଼ିଏ ବର୍ଷ ବଡ଼ ଜଣେ ବିପତ୍ନିକ ଗୋପାଳରାଓ ଜୋଷୀଙ୍କ ସହ ବିବାହ କରିଦେଇଥିଲେ ତାଙ୍କ ପରିବାର। ୧୪ ବର୍ଷ ବୟସରେ ଆନନ୍ଦୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ, ମାତ୍ର ଉପଯୁକ୍ତ ଚିକିତ୍ସା ଅଭାବରୁ ୧୦ଦିନ ପରେ ସେହି ପୁତ୍ର ସନ୍ତାନର ମୃତ୍ୟୁ ହୋଇଥିଲା। ଏହି ଘଟଣା ଯେମିତି ଆନନ୍ଦୀଙ୍କ ଜୀବନର ଗତିପଥକୁ ବଦଳାଇ ଦେଇଥିଲା। ଭାରତର ଗର୍ଭବତୀ ମହିଳା ଏବଂ ସଦ୍ୟଜାତ ଶିଶୁମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଜୀବନର ବ୍ରତ ଭାବରେ ଗ୍ରହଣକରି ସେ ଜଣେ ଚିକିତ୍ସକ ହେବାର ନିଷ୍ପତ୍ତି ନେଲେ; ଯେଉଁଥିରେ ତାଙ୍କ ସ୍ୱାମୀ ଗୋପାଳରାଓ ତାଙ୍କୁ ପୂର୍ଣ୍ଣ ସହଯୋଗ କରିଥିଲେ। ସ୍କୁଲ ଶିକ୍ଷା ସମାପ୍ତକରିବା ପରେ ଡାକ୍ତରୀ ଡିଗ୍ରୀ ହାସଲ କରିବା ପାଇଁ ଗୋପାଳରାଓ ଆନନ୍ଦୀଙ୍କୁ ଆମେରିକା ପଠାଇଥିଲେ। ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ, ସେ ସମୟରେ ଜଣେ ବ୍ରାହ୍ମଣ ଘରର ବିବାହିତା ବଧୂ ଆନନ୍ଦିବାଈ ଓମେନ୍ସ ମେଡିକାଲ କଲେଜ ଅଫ୍ ପେନ୍‌ସିଲଭାନିଆରୁ ଡାକ୍ତରୀ ଡିଗ୍ରୀ ହାସଲ କରିବା ପରେ ମେଡିସିନରେ ମାଷ୍ଟର ଡିଗ୍ରୀ ମଧ୍ୟ ହାସଲ କରିଥିଲେ। ମାଷ୍ଟର ଡିଗ୍ରୀ ହାସଲ କରିବା ପାଇଁ ସେ ଯେଉଁ ନିବନ୍ଧ ଦାଖଲ କରିଥିଲେ ସେହି ନିବନ୍ଧର ଶୀର୍ଷକ ଥିଲା-'Obstetrics among the Aryan Hindus'। ଆନନ୍ଦିବାଈଙ୍କ ସଫଳତାରେ ଇଂଲଣ୍ଡର ରାଣୀ ଭିକ୍ଟୋରିଆ ତାଙ୍କୁ ପ୍ରଶସ୍ତିପତ୍ର ପଠାଇ ସମ୍ମାନିତ କରିଥିଲେ। ୧୮୮୬ ମସିହାରେ ସ୍ୱଦେଶକୁ ଫେରି ଆସିବା ପରେ କୋହ୍ଲାପୁର ରାଜ୍ୟ ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ତାଙ୍କୁ ଆଲବର୍ଟ ଏଡ୍‌ୱାର୍ଡ ହସ୍ପିଟାଲରେ ସ୍ତ୍ରୀରୋଗ ବିଶେଷଜ୍ଞ ଭାବରେ ନିଯୁକ୍ତି ମଧ୍ୟ ଦିଆଯାଇଥିଲା। ଭାରତକୁ ଫେରି ଆସିବାର ମାତ୍ର ବର୍ଷକ ପରେ ଡାକ୍ତର ଆନନ୍ଦିବାଈ ଯକ୍ଷ୍ମାରୋଗରେ ମୃତ୍ୟୁବରଣ କରିଥିଲେ।



ଡା. ଆନନ୍ଦିବାଈ ଜୋଷୀ



ଡା. କେଇ ଓକାମୀ

### ଡା. କେଇ ଓକାମୀ

କେଇ ଓକାମୀ ୧୮୫୯ ମସିହା ସେପ୍ଟେମ୍ବର ୧୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପ୍ରଥମ ଜାପାନୀ ମହିଳା ଭାବରେ ସେ ଓମେନ୍ସ ମେଡିକାଲ କଲେଜ ଅଫ୍ ପେନ୍‌ସିଲଭାନିଆରୁ ୱେଷ୍ଟର୍ନ ମେଡିସିନ୍‌ରେ ଡିଗ୍ରୀ ହାସଲ କରିଥିଲେ। ୧୮୭୮ ମସିହାରେ ଗ୍ରାଜୁଏଟ ଡିଗ୍ରୀ ହାସଲ କରିବା ପରେ ସେ କିଛିଦିନ ପାଇଁ ସାକୁରାଇ ଗାର୍ଲ୍ସ ହାଇସ୍କୁଲରେ ଇଂରାଜୀ ଶିକ୍ଷିକା ଭାବରେ କାର୍ଯ୍ୟ କରିଥିଲେ। ୨୫ବର୍ଷ ବୟସରେ ଜଣେ କଳା ଶିକ୍ଷକ ଓକାମୀ ସେଜିଚିରୋଙ୍କୁ ବିବାହ କରିଥିଲେ। ବିବାହ ପରେ କେଇ ଓକାମୀ ସ୍ୱାମୀଙ୍କ ସହ ଯୁକ୍ତରାଷ୍ଟ୍ର ଆମେରିକାକୁ ଚାଲି ଆସିଥିଲେ। ସେଠାରେ ସ୍ୱାମୀଙ୍କ ପ୍ରେରଣାରେ ଓମେନ୍ସ ମେଡିକାଲ କଲେଜ ଅଫ୍ ପେନ୍‌ସିଲଭାନିଆଠାରେ ଶିକ୍ଷା ଗ୍ରହଣକରି ୧୮୮୯ ମସିହାରେ ଡାକ୍ତରୀ ଡିଗ୍ରୀ ହାସଲ କରିଥିଲେ। ଶିକ୍ଷା ସମାପ୍ତ ପରେ ଜାପାନକୁ ଫେରି ଆସି କେଇ ଓକାମୀ ଜିକେଇ ଡାକ୍ତରଖାନା (ବର୍ତ୍ତମାନ ଜିକେଇ ୟୁନିଭର୍ସିଟି ସ୍କୁଲ ଅଫ୍ ମେଡିସିନ୍ ଭାବରେ ପ୍ରସିଦ୍ଧ) ଠାରେ ଡାକ୍ତର ଭାବରେ ଯୋଗଦେଇଥିଲେ। ଚାକିରି କାଳରେ ସେହି ହସ୍ପିଟାଲକୁ ଚିକିତ୍ସିତ ହେବା ପାଇଁ ଆସିଥିବା ସମ୍ରାଟ ମେଜି ଯେତେବେଳେ ଜଣେ ନାରୀ ବୋଲି ଡାକ୍ତର ଓକାମୀଙ୍କ ପାଖରେ ଚିକିତ୍ସିତ ହେବା ପାଇଁ ମନା କରିଦେଇଥିଲେ, ତାହାର ପ୍ରତିବାଦ ସ୍ୱରୂପ ଓକାମୀ ଚାକିରିରୁ ଇସ୍ତଫା ଦେଇଥିଲେ। ତା'ପରେ ସେ ନିଜର ଏକ କ୍ଲିନିକ୍ ଖୋଲି ଜଣେ ଉତ୍ତମ ସ୍ତ୍ରୀରୋଗ ବିଶେଷଜ୍ଞ ଭାବରେ ବିଶେଷ ଖ୍ୟାତି ଅର୍ଜନ କରିଥିଲେ। ଏହାପରେ ସେ ଶେରି ଗାର୍ଲ୍ସ ସ୍କୁଲରେ ଉପାଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ୧୮୯୭ ମସିହାରେ କେବଳ ମହିଳାମାନଙ୍କ ପାଇଁ ଏକ ଚିକିତ୍ସାଳୟ ସ୍ଥାପନ କରିବା ସହ ଏକ ନର୍ସିଂ ସ୍କୁଲ ମଧ୍ୟ ପ୍ରତିଷ୍ଠା କରିଥିଲେ। ଶେଷରେ ସ୍ତନକର୍କଟରେ ପୀଡ଼ିତ ହୋଇ କାମରୁ ଅବ୍ୟାହତି ନେଇ ୧୯୪୧ ମସିହାରେ ମୃତ୍ୟୁବରଣ କରିଥିଲେ।



ଡା. ସାବତ୍ ଇସ୍‌ଲାମବଉଲି

### ଡା. ସାବତ୍ ଇସ୍‌ଲାମବଉଲି

୧୮୬୭ ମସିହାରେ ଜନ୍ମଗ୍ରହଣ କରିଥିବା ଡାକ୍ତର ସାବତ୍ ଇସ୍‌ଲାମବଉଲି ସିରିଆର ପ୍ରଥମ ମହିଳା ଡାକ୍ତର ହେବାର ଗୌରବ ଅର୍ଜନ କରିଥିଲେ। କୁର୍ଦ୍ଦିଶ୍-ଜେୱିଶ୍ ହେରିଟେଜ୍‌ର ପ୍ରଥମ ମହିଳା ଭାବରେ ସାବତ ୧୮୯୦ ମସିହାରେ ଓମେନ୍ସ ମେଡିକାଲ କଲେଜ ଅଫ୍ ପେନ୍‌ସିଲଭାନିଆରୁ ଡାକ୍ତରୀ ଡିଗ୍ରୀ ହାସଲ କରିଥିଲେ। ତେବେ ସେହି ମେଡିକାଲ କଲେଜର ସେହି ସମୟର ବିଦ୍ୟାର୍ଥୀମାନଙ୍କ ସୂଚନା ପୁସ୍ତିକା ଅନୁସାରେ ସାବତ୍ ଡାକ୍ତରୀ ବିଦ୍ୟା ସମାପ୍ତ କରି କାଏରୋ ଚାଲିଯାଇଥିଲେ। ଆମେରିକା ଛାଡ଼ିବା ପରେ ତାଙ୍କ ସମ୍ପର୍କରେ ଆଉ କୌଣସି ସୂଚନା ଉପଲବ୍ଧ ହୋଇପାରି ନାହିଁ। ଇତିହାସ ପୃଷ୍ଠାରେ କେବଳ ସିରିଆର ପ୍ରଥମ ମହିଳା ଡାକ୍ତର ହେବାର ଗୌରବ ତାଙ୍କ ନାମକୁ ଅମର କରି ରଖିଛି।

-ପୂର୍ବତନ ଅଧ୍ୟକ୍ଷ, କୁଚିଣ୍ଡା ମହାବିଦ୍ୟାଳୟ
ମୋ: ୯୪୩୭୫୩୪୭୭୩

# ସାଥୀ

– ସୁଚିତ୍ରା ମିଶ୍ର

କାଠିକୁଟା ଜମେଇ ବାଲ୍‌କୋନିକୁ ଖୋଲିଥିବା ଝରକା ଉପର ପାରାପେଟ୍ ଉପରେ ପାରାଟି ତା'ର ଘର ଗଢ଼ିସାରିଥିଲା । ମାସେ ପରେ ନିଜ ଘରକୁ ଫେରିଛି ସୁନନ୍ଦା । ବାଲ୍‌କୋନିରେ ଇତସ୍ତତଃ ହୋଇ ପଡ଼ିଥିବା କାଠିକୁଟା ଓ ପିମ୍ପୁଡ଼ି ଧାର ଲାଗିଥିବା ଖାଦ୍ୟାଂଶକୁ ଦେଖି ଅସଜ ଦେହରେ ନିଶୁଣି ପକେଇ ଚଢ଼ିଥିଲା ସେ ପାରାବସାଟିକୁ ଭାଙ୍ଗିଦେବାକୁ ତ ଦୁର୍ବଳିଆ ପାରାଟି ଧଳାଧଳା ଅଣ୍ଡା କେତୋଟି ଉପରେ ବସିଥିବାର ଦେଖିବା ପରେ ସେତକ ସଫାକରି ଫୋପାଡ଼ିଦେବାକୁ ଆଦୌ ମନ ବଳି ନ ଥିଲା ତା'ର । ସେଇଠି ସେମିତି ଛାଡ଼ିଦେଇଥିଲା ପାରାଟିକୁ ତା'ର ଅଣ୍ଡାମାନଙ୍କ ସହିତ । ତାକୁ ଦେଖି ଭୟରେ କୁଙ୍କୁରି କାଙ୍କୁରି ହୋଇ ସାଉଁଟି ହୋଇଯାଇଥିବା ପାରାଟି, ସେ ନିଶୁଣିରୁ ଓହ୍ଲେଇ ଆସିବା ପରେ ପକ୍ଷୀ ଝାଡ଼ିଦେଇ ପୁଣି ଥରେ ବସିଯାଇଥିଲା ଅଣ୍ଡାଗୁଡ଼ିକ ଉପରେ ନିଶ୍ଚିନ୍ତ ହୋଇ ।

ଏଇ ପାରାଟି ଅନ୍ୟମାନଙ୍କଠାରୁ ଟିକେ ଭିନ୍ନ ମନେହେଉଥିଲା ସୁନନ୍ଦାକୁ । ତା' ବେକରେ ଘେରିହୋଇ ରହିଥିବା ଧଳା ପଟିଟି ତାକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର କରି ରଖିଥିଲା । ପାରାଟି ପ୍ରତି କେମିତି ଗୋଟେ ଦୁର୍ବଳତା ଆସିଯାଇଥିଲା ସୁନନ୍ଦାର । ଅଣ୍ଡା ଫୁଟେଇ କୁନି କୁନି ଛୁଆମାନଙ୍କୁ ବାହାର ଦୁନିଆର ଆଲୋକ ଦେଖେଇବା ଚେଷ୍ଟାରେ ଥିବା ସେ ପାରାଟି ଭିତରେ ଗୋଟିଏ ମାଆର ନିଃସର୍ତ୍ତ ସ୍ନେହ, ଅମାପ କର୍ତ୍ତବ୍ୟ ପରାୟଣତା ଦେଖିପାରୁଥିଲା ସୁନନ୍ଦା । କାହାର ଉପସ୍ଥିତିର ସାମାନ୍ୟ ଆଶଙ୍କାରେ ନିଜକୁ ସୁରକ୍ଷିତ କରି ଉଡ଼ିଯାଉଥିବା ପାରାଟି ସୁନନ୍ଦା ତା'ର ନିକଟବର୍ତ୍ତୀ ହେବା ପରେ ମଧ ଜାକିଜୁକି ହୋଇ ବସିଥିଲା ଅଣ୍ଡାମାନଙ୍କ ଉପରେ । ସେଠାରୁ ଉଡ଼ିଯିବାର ସାମାନ୍ୟତମ ଉପକ୍ରମ କରୁନଥିଲା ସେ । ସୁନନ୍ଦା ପ୍ରଭାବିତ ହେଲା । ତା'ର ସମ୍ବେଦନଶୀଳ ମନରେ ଅପୂର୍ବ ଏକ ଶିହରଣ ସୃଷ୍ଟି ହୋଇଥିଲା । ଅକ୍ଷୁର୍ଣ୍ଣ ପାରାଅଣ୍ଡାଗୁଡ଼ିକ ଭିତରେ ଥିବା କୁନି ଛୁଆଗୁଡ଼ିକ ପ୍ରତି ତା' ମନରେ ବି ମମତା ଜାଗୁଥିଲା । ମାଆ ଛୁଆଙ୍କର ସମ୍ପର୍କର ଏ ସ୍ୱର୍ଗୀୟ ଅନୁଭବ ଚହଲେଇ ଦେଉଥିଲା ତା' ମନପ୍ରାଣକୁ ।

ଗତକାଲି ଚାରିମାସ ପୂରିଲା । ଯାଆଁଳା ଛୁଆ ଦୁଇଟି ତା' ଭିତରେ ବଢ଼ୁଛନ୍ତି ଏ କଥା ଡାକ୍ତରାଣୀଙ୍କଠାରୁ ଶୁଣିଲା ପରେ ଟିକେ ରୋମାଞ୍ଚିତା ହୋଇଥିଲା ସେ । ମା'ବାପା, ଶାଶୁ, ଶ୍ୱଶୁର କିନ୍ତୁ ବ୍ୟସ୍ତ ହୋଇ ପଡ଼ିଥିଲେ । ସବୁଠାରୁ ବେଶୀ ବିଚଳିତ ହୋଇ ପଡ଼ିଥିଲେ ନିନାଦ । ବୋଧହୁଏ ଭିତରେ ଭିତରେ ଟିକେ ଭୟ, ଟିକେ ଅସହଜପଣ ଘାରିଥିଲା ତାଙ୍କୁ । ମାସ ଗଡ଼ିଚାଲିଲା । ସ୍ୱାଭାବିକ ଭାବରେ ନିଜକୁ ଜଗିରଖି ଚଳୁଛି ସୁନନ୍ଦା । ଏ ଭିତରେ ଧୀରେଧୀରେ ସହଜ ହୋଇଗଲେଣି ସମସ୍ତେ । ସୁନନ୍ଦା ପ୍ରତି ଯତ୍ନଶୀଳ ହୋଇପଡ଼ିଛନ୍ତି ପୂରା ପରିବାର । ନିନାଦଙ୍କର ତତ୍ପରତା ଆଖିଦୃଶିଆ । ସଙ୍କୁଚିତା ହୁଏ ସୁନନ୍ଦା । 'ଏଇଟା ଖୁବ୍ ଗୋଟେ ପିଲାଳିଆମି ତୁମର' କହି ଆକଟ କରେ କେବେକେବେ ।


ଆଜିକୁ ମାସେ ହେଲାଣି ଅଫିସ୍‌ର ଏକ ଜରୁରୀ କାମରେ ବିଦେଶ ଯାଇଛନ୍ତି ନିନାଦ । ଯିବାକୁ ବାଧ ହୋଇଛନ୍ତି । ତାଙ୍କ ଅନୁପସ୍ଥିତିରେ ଖୁବ ବେଶୀ ଏକୁଟିଆ ଅନୁଭବ କରୁଥିଲା ସୁନନ୍ଦା । ନିନାଦ ଯିବା ପରେ ପରେ ମା'ବାପାଙ୍କ ପାଖକୁ ଚାଲିଯାଇଥିଲା ଗତ କିଛିଦିନ । ତା'ର ଅନୁପସ୍ଥିତିରେ ପାରା ବସା ଗଢ଼ି ଅଣ୍ଡା ଦେଇସାରିଲାଣି । ପାରାବସା ଭାଙ୍ଗି ନ ପାରି ଛାଡ଼ିଦେବା ପରେ କେଜାଣି କାହିଁକି ଆଶ୍ୱସ୍ତ ଲାଗୁଛି ତାକୁ । କୁନିକୁନି ଅଣ୍ଡା ଭିତରୁ ଛୁଆ ବାହାରିବାର ଅପେକ୍ଷାରେ ଏବେ ସେ । କେତେଦିନ ହେଲାଣି ଏ ଭିତରେ କେଜାଣି ? ଧଳା ପଟିଥିବା ପାରାଟି ସାରାଦିନ ଅଣ୍ଡା ଉପରେ ବସିଥାଏ । ସେଇଟି ନିଶ୍ଚୟ ମାଆ ପାରା ହୋଇଥିବ । କେବେ କେମିତି ଆଉ ଗୋଟିଏ ପାରା ଉଡ଼ିଆସି ବସେ ସେ ବସାରେ । ସୁନନ୍ଦା ଅନେକ ସମୟ ବସି ଦେଖେ ସେ ପାରାଯୋଡ଼ିକୁ । ବେକର ଧଳାପଟିର ଅନୁପସ୍ଥିତି ଚିହ୍ନେଇଦିଏ ପୁରୁଷ ପାରାଟିକୁ । ଚଢ଼େଇ ଦୁଇଟିଙ୍କୁ ଦେଖି ଅନେକ କଥା ଭାବିହୁଏ ସୁନନ୍ଦା ।

କେତେକେତେ ସମ୍ପର୍କରେ ଗୁନ୍ଥା ଏ ଜୀବନ । ସବୁ ସମ୍ପର୍କରେ ଥାଏ ଗୋଟିଏ ଅଲେଖା ରାଜିନାମା । ସ୍ନେହ, ପ୍ରେମ ମମତାରେ ସିଞ୍ଚା ସେ ରାଜିନାମାର ପୃଷ୍ଠାସବୁ । ସେସବୁକୁ ଦେଖିହୁଏନି, ଦେଖେଇ ହୁଏନି, କେବଳ ଅନୁଭବ କରିହୁଏ । ଅଦୃଷ୍ଟର ଇଙ୍ଗିତରେ ଓଲଟିଥାଏ ଫର୍ଦ୍ଦ ପରେ ଫର୍ଦ୍ଦ । ପକ୍ଷିଜଗତରେ କ'ଣ ସେମିତି ପ୍ରେମଥାଏ ? ଥାଏ ପରସ୍ପରକୁ ଝୁରିହେବାର ଆବେଗପଣ ? ଗଭୀର ରାତିର ନିଃଶବ୍ଦ ପ୍ରହରରେ ପାରାଟି ଗୁମୁରୁଥିବାର ଶୁଣିପାରେ ସୁନନ୍ଦା । କାହିଁକି କେଜାଣି ଖୁବ୍ ଅନ୍ୟମନସ୍କ ହୋଇପଡ଼େ । ସେମିତି ହୋଇଥିଲା ଗତ ରାତିରେ । ନିନାଦଙ୍କ ଫୋନକୁ ଅପେକ୍ଷା କରିଥିଲା ସଞ୍ଜବେଳୁ । ହୁଏତ ଜରୁରୀ କାମରେ ବ୍ୟସ୍ତ ରହି ଫୋନ କରିପାରିନାହାନ୍ତି । ନିଦ ଆଦୌ ଆସୁନଥିଲା । ସକାଳର ଅପେକ୍ଷାରେ ଉଜାଗର ରହିଗଲା ସେ ।

ସକାଳର ଖରା ବିଛେଇ ହୋଇ ପଡିଥିଲା ଚାରିଆଡ଼ । ଝରକା ଉପର ପାରାପେଟ୍ ଉପରେ କାଠିକୁଟାରେ ପାରା ଗଢ଼ିଥିବା ସେ ନିବୁଜ ଘରଟିକୁ ଚାହିଁ ରହିଥିଲା ସୁନନ୍ଦା । ଗତ କିଛିଦିନ ଭିତରେ ଗୋଟି ଗୋଟି କାଠିକୁଟା ସଂଗ୍ରହ କରିନେଇ ବସା ଗଢ଼ିଥିଲା ପାରାଟି । ସୁରକ୍ଷିତ ଘରଟିଏ ଭିତରେ ସୃଷ୍ଟିକୁ ଆଲୋକ ଦେଖେଇବାର ପ୍ରଚେଷ୍ଟାରେ ପକ୍ଷୀ ଦୁଇଟି । ମୋଡ଼ିହୋଇ ବସିଥିବା ପାରା ବେକର ମୋଟା ଧଳା ପଟିଟିକୁ ସ୍ପଷ୍ଟ ଦେଖିପାରୁଥିଲା ସୁନନ୍ଦା । ବସାଟିକୁ ଦେଖିବା, ପାରା ଦୁଇଟିଙ୍କର ଗତିବିଧି ଲକ୍ଷ୍ୟ କରିବା, ନିୟମିତ ଅଭ୍ୟାସରେ ପଡିଗଲାଣି ସୁନନ୍ଦାର । ଏକ ଅଦ୍ଭୁତ ସମ୍ପର୍କରେ କ୍ରମଶଃ ବାନ୍ଧି ହୋଇପଡୁଛି ସେ ଚଢେଇ ଦୁଇଟିଙ୍କ ସହ ।

ଲାଗ ଲାଗ ତିନିଦିନ ହୋଇଗଲାଣି ପୁରୁଷ ପାରାଟିକୁ ଦେଖୁନି ସେ । କୁଆଡ଼େ ଗଲା ? ମା' ପାରାଟି ବସା ବାହାରେ । ସତେ ଯେପରି କାହାକୁ ଖୋଜୁଛି ସେ ? ଚଢ଼େଇମାନେ ବି କ'ଣ ଖୋଜନ୍ତି ତାଙ୍କ ସାଥୀଙ୍କୁ ! ସାଥୀଟି ସହ ନିଜର ସମ୍ପର୍କର ନିବିଡ଼ତାକୁ ବୁଝିପାରନ୍ତି ମଣିଷମାନଙ୍କ ପରି ? ଟିକେ ଚମକିଲା ପରି ଚାହିଁଲା ଏଥର ସେ ପାରାଟିକୁ । ତା' ସାଥୀକୁ ଝୁରୁଛି ସେ ? ସାମାନ୍ୟ ବିସ୍ମୟ ସୁନନ୍ଦା ଆଖିରେ । ପାରାବସା ଭିତରୁ ନାଲି ନାଲି କୁନି କୁନି ଛୁଆ କେତୋଟି ଚିଁ ଚିଁ ହେଉଥିଲେ । ଖୁବ୍ ମନେପଡୁଥିଲେ ନିନାଦ ।

– ମୁମ୍ବାଇ, ମୋ:୯୯୩୦୮୨୭୪୪୮





# ଭିଜା ମାଟିର ବାସ୍ନା

–ଅନୀତା ପାଣି

ଭିଜା ଭିଜା ମାଟି ବାସ୍ନାରେ ବିଭୋର
ପ୍ରକୃତି ହେଉଛି ଖୁସି,
ସାଧବବୋହୂ ଚାଲୁଛି ଦିପାଦେ
ଦିପାଦରେ ଯାଏ ରଷି ।

ନାଲି ଗୁଲୁଗୁଲୁ ନୂପୁର ପେନ୍ଥାଏ
ଖସି ପଡ଼ିଛି କି ସତେ,
ରଜବତୀ ହେଲେ ବସୁମତୀ ପାଦେ
ସଜ ସାଧବାଣୀ କେତେ ।
ସଜବାଜ ହୋଇ ଗାଁ'ର କୁଆରୀ
ଦୋଳିଗୀତେ ହସାହସି,
ରଜ ତିନିଦିନ ଆନନ୍ଦ ଉଲ୍ଲାସ
ପୋଡ଼ପିଠା ଯାଏ ବାସି ।

ପହିଲି ବରଷା ପ୍ରୀତିର ଛୁଆଁରେ
ଲାଜେଇ ଯାଇଛି ଧରା,
ପ୍ରଥମ ପ୍ରେମରେ ପରମ ପ୍ରାପ୍ତି
ପରିତୋଷ ଆତ୍ମହରା ।
ଧରଣୀ ରାଣୀର ପାଟ ପଣତରେ
ଆକାଶର ଧାରା ମିଶି,
ସର୍ଜନାର ନୂଆ ସଂଭାବନା ପାଇଁ
ନୀରବେ ଯାଇଛି ବସି ।





କୁମାରୀ ମନରେ ଉଛୁଳା ଯମୁନା
ମଥାରେ ଚନ୍ଦନ ବିନ୍ଦୁ,
ରଜପାନ ଦେଇ ମନ କିଣିନିଏ
ଦୂର ବିଦେଶିଆ ବନ୍ଧୁ ।
ପ୍ରକୃତି ପୁରୁଷ ଆକର୍ଷଣ ପର୍ବ
ସମ୍ପର୍କ ତା ବାରମାସୀ,
ଇନ୍ଦ୍ରଧନୁ ଟାଣେ ରଙ୍ଗର ତୋରଣ
ଜୀବନ ମଧୁ କଳସୀ ।

–ପଦ୍ମେଶ୍ୱର, ସୌଭାଗ୍ୟନଗର,
ଅନୁଗୋଳ, ମୋ:୮୩୨୭୭୦୫୯୭୦

# ଦିଶା ଯାହା ଚାହୁଁଥିଲେ...

ଫିଲ୍ମଟିଏ ସାଇନ୍ କରିବା ପୂର୍ବରୁ କଳାକାରଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ । ଆଉ ସେଥିରୁ ବା ଦିଶା ପଟାନି ବାଦ୍ ପଡିବେ କେମିତି। କଥା କ'ଣ କି ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଅନଟାଇଟଲଡ୍ ଫିଲ୍ମ ପାଇଁ ତାଙ୍କୁ ସାଇନ୍ କରିବାକୁ ଇଚ୍ଛା ପ୍ରକାଶ କଲେ । ଏ ନେଇ ଦିଶାଙ୍କ ସହ ଯୋଗାଯୋଗ କରାଗଲା । କାହାଣୀଟି ଶୁଣିବା ପରେ ସେ ନିଜର ସମ୍ମତି ମଧ୍ୟ ଜଣାଇଥିଲେ। ହେଲେ ଆଲୋଚନା ସମୟରେ ସେ କାହାଣୀରେ କିଛି ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟରେ ସେ ନିଜ ଭୂମିକାରେ କିଛି ଆକ୍ସନ ଶଟ୍ ଯୋଡ଼ିବାକୁ ପ୍ରଯୋଜକଙ୍କୁ କହିଥିଲେ । ତେବେ ଏଭଳି ପରାମର୍ଶକୁ ଗ୍ରହଣ କରାଯିବ କି ନାହିଁ ସେ ନେଇ ଦୋଛକିରେ ପଡିଥିଲେ ପ୍ରଯୋଜକ । ଶେଷରେ ଦୁହିଁଙ୍କ ଭିତରେ ଭଲ ଭାବରେ ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ଦିଶା କହନ୍ତି, 'କାହାଣୀକୁ ଭଲ ଭାବରେ ଶୁଣିବା ପରେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା । ତେବେ ମୋ ଭୂମିକାରେ କିଛି ଆକ୍ସନ ଶଟ୍ ରଖିବାକୁ ମୁଁ ପରାମର୍ଶ ଦେଇଥିଲି । ଶେଷରେ ମୋ କଥା ହିଁ ରହିଲା। ମୋ' ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ଏ ନେଇ ପ୍ରଯୋଜକ ଏବଂ ମୋ ଭିତରେ ମନୋମାଳିନ୍ୟ ରହିଛି ବୋଲି ଯାହା ଆଲୋଚନା ହେଉଛି ତାହା ସମ୍ପୂର୍ଣ୍ଣ ମିଛ । ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ ।' ତେବେ ଏହି ଭୂମିକା ଦିଶାଙ୍କ କ୍ୟାରିୟରରେ କି ମୋଡ଼ ଆଣୁଛି ତାହା ଦେଖିବାକୁ ବାକି ରହିଲା ।


ଦିଶା



ଟାଇଗର

# ରହସ୍ୟ ଖୋଲିଲେ ଟାଇଗର

ବଲିଉଡ୍‌ର ୟଙ୍ଗ ସନ୍‌ସେସନ୍ ଟାଇଗର ଶ୍ରଫ । ତାଙ୍କର ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି ? ଜୟ ହେମନ୍ତ ଶ୍ରଫ । କିନ୍ତୁ ଏକ କାରଣରୁ ତାଙ୍କର ଏହି ନାମକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ ତାଙ୍କର ବାପା ତଥା ବଲିଉଡ୍‌ର ଅନ୍ୟତମ ଲୋକପ୍ରିୟ ଅଭିନେତା ଜ୍ୟାକି ଶ୍ରଫ । ଏଭଳି କଥା ଉପରୁ ନିକଟରେ ପରଦା ହଟାଇଛନ୍ତି ଟାଇଗର । ଟାଇଗର କହନ୍ତି, 'ପିଲାଦିନେ ମୁଁ ଭାରି ଦୁଷ୍ଟ ଥିଲି । କାହା ସାଙ୍ଗରେ ଟିକେ ନ ଲାଗିଲେ ମୋତେ ଭଲ ଲାଗୁ ନ ଥିଲା । ଏପରି କି ମୁଁ ସମସ୍ତଙ୍କୁ କାମୁଡିବାକୁ ଗୋଡାଉଥିଲି । ଏହାଦେଖି ପାପା ଥରେ କହିଲେ, ଆରେ ଏଇଟା ଟାଇଗର । ବାସ୍ ତା'ପରେ ମୋ ନାମକୁ ବଦଳାଇବାକୁ ସେ ମାମାଙ୍କ ସହ କଥା ହେଲେ । ଶେଷରେ ମୋର ନାମ ଜୟ ହେମନ୍ତ ବଦଳରେ ଟାଇଗର ଶ୍ରଫ ହେଲା ।' ପାଠପଢ଼ା ଶେଷ ହେବା ପରେ ତାଙ୍କର ଅଭିନୟ ପ୍ରତି ସେତେଟା ରୁଚି ନ ଥିଲା । ବିଶେଷଭାବେର ଖେଳକୁଦ ଲାଇନରେ ସେ ଯିବାକୁ ଚାହୁଁଥିଲେ । ହେଲେ ତାଙ୍କର ଭାଗ୍ୟରେ ସତେଯେମିତି ଅଭିନୟ କରିବା ଲେଖାଥିଲା । ଟାଇଗରଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ହେରୋପନ୍ତୀ' । ଚଳିତ ବର୍ଷ ଏପ୍ରିଲ ୧୧ରେ ତାଙ୍କ ଅଭିନୀତ 'ବଡେ ମିଆଁ ଛୋଟେ ମିଆଁ' ରିଲିଜ ହୋଇଥିଲା । ୩୫୦ କୋଟି ବଜେଟରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସରେ ମାତ୍ର ୯୫କୋଟି ଆୟ କରିବାରେ ସମର୍ଥ ହୋଇଥିଲା ।

# ଶମ୍ଭୁ

ଅନୁପମା ମୁଭିଜ ବ୍ୟାନରରେ ପ୍ରସ୍ତୁତ ତଥା ବିଭୂତି ଜେନାଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶମ୍ଭୁ' ରିଲିଜ ଅପେକ୍ଷାରେ ରହିଛି। ଏହାର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ଯୁବ ନିର୍ଦ୍ଦେଶକ ଏସ. ଦିଲ୍ଲୀପ ପଣ୍ଡା । ଦିଲ୍ଲୀପ କୁହନ୍ତି,'ଏହାର ଦମଦାର କାହାଣୀକୁ ଠିକ୍ ଭାବରେ ଉପସ୍ଥାପନା କରିବାକୁ ବେଶ୍ ପରିଶ୍ରମ କରିବାକୁ ପଡିଛି। ତେବେ ପ୍ରଯୋଜକ ବିଭୂତି ହଠାତ୍ ଅସୁସ୍ଥ ହୋଇପଡିବାରୁ ଏହାର ଆଉ କିଛି କାମ ବାକି ରହିଛି । ତାହା ଶେଷ ହେବା ପରେ ଯାଇ ରିଲିଜ ଡେଟ୍ ଘୋଷଣା କରାଯିବ ।' ଏହାର ସଂଳାପ କରିଛନ୍ତି ବିଶିଷ୍ଟ ସଂଳାପକାର ଡ଼. ରଜନୀ ରଞ୍ଜନ । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିଶିଷ୍ଟ ସଙ୍ଗୀତକାର ଦୀପକ କୁମାର । ପ୍ରଯୋଜକ ବିଭୂତି ମଧ୍ୟ ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ଚଳଚ୍ଚିତ୍ରଟିର କାହାଣୀ ପୁରୁଣା ଓଡ଼ିଆ ସଂସ୍କୃତି ଉପରେ ଆଧାରିତ । ଫିଲ୍ମଟିର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଶୁଭମ ଏବଂ ତାଙ୍କର ନାୟିକା ସାଜିଛନ୍ତି ତମନ୍ନା । ବିଭୂତି କୁହନ୍ତି,'ଫିଲ୍ମଟି ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। କାରଣ କାହାଣୀ ଚୟନ କରିବା ସମୟରେ ମୁଁ ସବୁଦିଗ ପ୍ରତି ଗୁରୁତ୍ୱ ଦେଇଥିଲି। ତା'ସହ କାଷ୍ଟିଂ, ଗୀତ, ଉପସ୍ଥାପନାରେ ଆଦୌ କମ୍ପ୍ରୋମାଇଜ କରାଯାଇନାହିଁ।'


'ଶମ୍ଭୁ' ଫିଲ୍ମରେ ତମନ୍ନା-ଆନ୍‌ଭି-ଶୁଭମ

# କେତେ ସତ କେତେ ମିଛ

ସୋନାକ୍ଷୀ ସିହ୍ନାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । ଶୁଣିବାକୁ ମିଳୁଛି ଯେ ଏକ ନୂଆ ସିନେମା ପାଇଁ ସେ କୁଆଡ଼େ ନିଜ ପାରିଶ୍ରମିକ ବଢ଼ାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ତାଙ୍କର ଏହି ପ୍ରସ୍ତାବରେ ପ୍ରଯୋଜକ ମଧ୍ୟ ରାଜି। କିନ୍ତୁ ଏଭଳି କଥା ଯେତେବେଳେ ତାଙ୍କ କାନରେ ପଡ଼ିଲା ସେତେବେଳେ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ଏ ନେଇ ସଫେଇ ଦେଇ ସୋନାକ୍ଷୀ କହନ୍ତି, ''ଯେଉଁ କଥା ମୁଁ ଆପଣଙ୍କ ନିକଟରୁ ଶୁଣୁଛି ତାହା ପଛରେ ଆଦୌ ସତ୍ୟତା ନାହିଁ। କାରଣ ଏବେ ମୁଁ ମୋ ରେମ୍ୟୁନରେଶନ ବଢ଼ାଇନାହିଁ। କେହି ହୁଏତ ମୋ ବିରୁଦ୍ଧରେ ଅପପ୍ରଚାର ଚଳାଇଛି। ଏପରି କଥାକୁ କେହି ବିଶ୍ୱାସ କରିବା ଠିକ୍ ନୁହେଁ। ଏକଥା ସତ ଯେ ନିକଟରେ ଜଣେ ନୂଆ ପ୍ରଯୋଜକ ମୋତେ ତାଙ୍କ ଫିଲ୍ମରେ ଆକ୍ଟିଂ କରିବାକୁ ଅଫର ଦେଇଛନ୍ତି ଏବଂ ସେଥିରେ ମୁଁ ରାଜି ହୋଇଛି। ଏଥିରେ ମୋତେ ଦର୍ଶକ ଆକ୍ସନ ଅବତାରରେ ଦେଖିବାକୁ ପାଇବେ। ହେଲେ ଏହି ଫିଲ୍ମ ପାଇଁ ମୁଁ ପାରିଶ୍ରମିକ ବଢ଼ାଇ ଦେଇଛି ଏବଂ ସେଥିରେ ପ୍ରଯୋଜକ ରାଜି ହୋଇଛନ୍ତି-ଏକଥା ଗୁଜବ ବ୍ୟତୀତ ଆଉ କିଛି ନୁହେଁ। ମୁଁ ସବୁବେଳେ ଭିନ୍ନ ଭିନ୍ନ ଭୂମିକାରେ ଦର୍ଶକଙ୍କ ସାମ୍‌ନାକୁ ଆସିବାକୁ ଚାହେଁ। କାରଣ ମୋର ଭେରାଇଟି ରୋଲ୍‌କୁ ଦର୍ଶକ ପସନ୍ଦ କରିଛନ୍ତି।''


ସୋନାକ୍ଷୀ

# ସାରାଙ୍କ ମନ କଥା

ବଲିଉଡ୍‌ରେ ସାରା ଅଲ୍ଲୀ ଖାଁଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'କେଦାରନାଥ' । କିନ୍ତୁ ଏହି ଫିଲ୍ମ ସାଇନ୍ କରିବା ପୂର୍ବରୁ ସେ ଦୋଛକିରେ ପଡିଯାଇଥିଲେ । କାରଣ ଏତେଶୀଘ୍ର ସେ ଆକ୍ଟିଂ କ୍ୟାରିୟର ଆରମ୍ଭ କରିବାକୁ ଚାହୁଁ ନ ଥିଲେ । ଏ ନେଇ ତାଙ୍କର ପାପା ସୈଫ ଅଲ୍ଲୀ ଖାଁଙ୍କ ସହ ବିଷଦ ଭାବରେ ଆଲୋଚନ କରିବା ପରେ ସେ ଆଗେଇଥିଲେ । ଏ ନେଇ ସାରା କହନ୍ତି, 'ଯେତେବେଳେ ଏହି ଫିଲ୍ମର ନିର୍ଦ୍ଦେଶକ ଅଭିଷେକ କପୁର ମୋତେ ଅଫର ଦେଲେ ସେତେବେଳେ ମୁଁ କି ନିଷ୍ପତ୍ତି ନେବି ଜାଣିପାରି ନ ଥିଲି । ତେଣୁ ପ୍ରଥମେ ବଲିଉଡ୍ କ୍ୟାରିୟର ବିଷୟରେ ପାପାଙ୍କ ସହ ଭଲ ଭାବରେ ଆଲୋଚନା କରିବା ପରେ ହିଁ ରାଜି ହୋଇଥିଲି। କେବଳ ସେତିକି ନୁହେଁ, ଫିଲ୍ମଟି ସାଇନ୍ କରିବା ପରେ ମୋ ପାଇଁ ଆଉ ଏକ ସମସ୍ୟା ଉଭା ହୋଇଥିଲା । ସେତେବେଳେ ମୋ ଓଜନ ଅଧିକ ଥିଲା । ତେଣୁ ମୋର ଏହି ଓଜନକୁ ପାଖାପାଖି ୪୦ କିଗ୍ରା କମାଇବାକୁ ପଡିଥିଲା । ଯାହାହେଉ ସୀମିତ ସମୟ ଭିତରେ ମୁଁ ଏହି ମିଶନରେ ସକସେସ୍ ହୋଇଥିଲି। କହିବାକୁ ଗଲେ ଆଜି ମୁଁ ଜଣେ ଅଭିନେତ୍ରୀ ଭାବରେ ଠିଆ ହୋଇଛି କେବଳ ମୋ ପାପାଙ୍କ ପାଇଁ।' ସାରାଙ୍କ ଅଭିନୀତ ପ୍ରମୁଖ ଫିଲ୍ମଗୁଡିକ ମଧ୍ୟରେ ରହିଛି-'ଶିମ୍ବା', 'ଲଭ୍ ଆଜ୍ କଲ୍', 'କୁଲି ନଂ ୧', 'ଅତରଙ୍ଗୀ ରେ', 'ଗ୍ୟାସଲାଇଟ୍', 'ରକି ଔର ରାନୀ କି ପ୍ରେମ କାହାନୀ' ଏବଂ 'ଏ ୱତନ ମେରେ ୱତନ' । ବର୍ତ୍ତମାନ ସେ 'ମେଟ୍ରୋ.. ଇନ୍ ଦିନୋ', 'ସ୍କାଏ ଫୋର୍ସ' ଏବଂ 'ଇଗଲ୍'ରେ ଅଭିନୟ କରୁଛନ୍ତି।


ସାରା


# କେବଳ ଅଭିନୟ ପାଇଁ

ଅନନ୍ୟା ପାଣ୍ଡେଙ୍କୁ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରେ ବ୍ରେକ୍ ମିଳିଥିଲା । ଧରମ ପ୍ରଡକ୍ସନ ପରି ନାମୀ ବ୍ୟାନରରୁ ଏଭଳି ଅଫର ପାଇବା ପରେ ତାଙ୍କର ଖୁସି ବନ୍ଧ ବାଡ ମାନି ନ ଥିଲା । ଏହି ଫିଲ୍ମରେ ତାଙ୍କର ଭୂମିକାଟି ଥିଲା ଶ୍ରେୟା ରାନ୍ଧାୱା । ଅଫରଟି ମିଳିବା ପରେ ସେ ତାହାକୁ ଭଲ ଭାବରେ ତର୍ଜମା କରିଥିଲେ। ବେଶୀ ଡେରି ନ କରି ନିଜର ସମ୍ମତି ଜଣାଇ ଦେଇଥିଲେ ଅନନ୍ୟା । ହେଲେ ସେତିକିବେଳେ ସେ ଟିକେ ଅଡୁଆରେ ପଡିଯାଇଥିଲେ। କାରଣ ସେତେବେଳେ ତାଙ୍କର ପଢ଼ାପଢ଼ି ଚାଲିଥିଲା। ୟୁନିଭର୍ସିଟି ଅଫ ସଦର୍ଣ୍ଣ କାଲିଫର୍ନିଆରେ ପଢ଼ିବାକୁ ସେ ଆବେଦନ କରିଥିଲେ। ସଂଯୋଗବଶତଃ ଠିକ୍ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବା ପୂର୍ବରୁ ସେହି ୟୁନିଭର୍ସିଟିରେ ଆଡମିଶନ କରିବାକୁ ତାଙ୍କୁ ଚିଠି ଆସିଥିଲା । ହେଲେ ସେତେବେଳେ ଅଭିନୟ ମାୟାରେ ସେ ପଡିସାରିଥିଲେ । ତେଣୁ ବାଧ ହୋଇ ପାଠପଢ଼ା ଘୁଞ୍ଚାଇବାକୁ ବାଧ ହୋଇଥିଲେ । ଏ ନେଇ ସେ କହନ୍ତି, 'କରନ୍ ସାର୍ ଯେତେବେଳେ ଏହି ଫିଲ୍ମ ନେଇ ମୋତେ ଅଫର ଦେଲେ ସେତେବେଳେ ତାହାକୁ ମୁଁ ବିଶ୍ୱାସ କରିପାରି ନ ଥିଲି। ସତ କହିବାକୁ ଗଲେ ସେହି ଫିଲ୍ମଟି ହିଁ ମୋ ମନରେ ଜଣେ ଅଭିନେତ୍ରୀ ହେବାର ଆଶାକୁ ଦ୍ୱିଗୁଣିତ କରିଦେଇଥିଲା । କିନ୍ତୁ ଏହି ଚିତ୍ର ପାଇଁ ମୋତେ ମୋ ପାଠପଢ଼ାକୁ କିଛି ମାସ ଘୁଞ୍ଚାଇବାକୁ ପଡିଥିଲା ।' ରିଲିଜ ଅପେକ୍ଷାରେ ଥିବା 'ବ୍ୟାଡ୍ ନ୍ୟୁଜ୍'ରେ ତାଙ୍କୁ ଅତିଥି କଳାକାର ଭାବରେ ଦେଖିବାକୁ ମିଳିବ। ଅନ୍ୟପକ୍ଷରେ ତାଙ୍କ ହାତରେ ଆଉ ଦୁଇଟି ସିନେମା-'କଣ୍ଟ୍ରୋଲ' ଏବଂ 'ଶଙ୍କରା' ମଧ୍ୟ ରହିଛି।


ଅନନ୍ୟା

ପ୍ରଥମ ରୋଜଗାର

# ପ୍ରଥମ ପାରିଶ୍ରମିକରେ ଧାନ ବିହନ କିଣିଥିଲି



ସାହିତ୍ୟିକ ଓ ସମାଜସେବୀ **ସବ୍ୟସାଚୀ ବିଷୋୟୀ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ କଣ୍ଡାମାଳ ଗ୍ରାମରେ ମୋର ଜନ୍ମ। ଜାତିରେ ଜନଜାତି ନହେଲେ ମଧ୍ୟ ସଂସ୍କୃତିରେ ସମ୍ପୂର୍ଣ୍ଣ ଆଦିବାସୀ ଜୀବନଶୈଳୀ ପ୍ରତିଭାତ। ସେମାନଙ୍କ ସହିତ ଏକାକାର ହେବାର ସୌଭାଗ୍ୟ ମିଳିଛି। ବାଲ୍ୟଜୀବନ ସେମାନଙ୍କ ସହିତ ବିତିବା ପରେ ପ୍ରାଥମିକରୁ ଦଶମ ଯାଏଁ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଡାମାଳଠାରେ ଶିକ୍ଷାଲାଭ କରିଥିଲି। ଏଠାରେ ଶିକ୍ଷକ ବବ୍ରୁବାହନ ନାୟକ ଓ ବିଦ୍ୟାଧର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ପ୍ରଥମ ଛାତ୍ର ଭାବେ ଦଶମରେ ଉତ୍ତିର୍ଣ୍ଣ ହୋଇଥିଲି। ଭୈରବ ମହାବିଦ୍ୟାଳୟ ଡାବୁଗାଁରେ ଯୁକ୍ତଦୁଇ ଓ ନବରଙ୍ଗପୁର ମହାବିଦ୍ୟାଳୟରେ ଯୁକ୍ତତିନି ପଢିବା ପରେ ମୁଣ୍ଡେଇବାକୁ ପଡିଥିଲା ପାରିବାରିକ ଜଞ୍ଜାଳ। ଯୁକ୍ତତିନି ପରେ ୨୦୧୮ ମସିହାରେ ଗୋଟିଏ ଏନ୍‌ଜିଓ ସଂସ୍ଥାରେ ଯୋଗଦେଇ ପ୍ରଥମ ରୋଜଗାର କରିଥିଲି। ପ୍ରଥମ ରୋଜଗାର ଖୁବ କମ ଥିଲେ ମଧ୍ୟ ଜମି ପାଇଁ କିଣିଥିଲି ଧାନ ବିହନ। ସେହି ବର୍ଷଠାରୁ ନିଜେ ଚାଷକାମ କରିବା ଆରମ୍ଭ କଲି। ମୋର ପ୍ରଥମ ରୋଜଗାର ମତେ ଚାଷକାମ କରିବା ପାଇଁ ବାଟ ଦେଖାଇଥିଲା। ତେଣୁ ଏନ୍‌ଜିଓ ସଂସ୍ଥା ଛାଡି ଚାଷ କରିବା ଶିଖିଲି। ଏବେ ଚାଷକୁ ଜୀବିକା କହିବାରେ କୌଣସି ଦ୍ୱିଧା ନାହିଁ। ଏହାବ୍ୟତୀତ ସୃଜନଶୀଳତା ପ୍ରତି ରହିଛି ଅହେତୁକ ଦୁର୍ବଳତା। ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ସାମାଜିକ ଜୀବନଶୈଳୀ ପ୍ରତି ଆକୃଷ୍ଟ ହୋଇ କ୍ରମେ ଅବିଭକ୍ତ କୋରାପୁଟ ଓ ଅବିଭକ୍ତ ବସ୍ତର ଜିଲାର ଲୋକ ସଂସ୍କୃତି ଉପରେ ଲେଖାଲେଖି କରେ। ମୋ ଲେଖାରେ ଗବେଷଣା' ତ ନୁହେଁ ମୁଁ ଭୋଗୁଥିବା ଆଦିବାସୀ ଜନସମାଜର ସଂସ୍କୃତିକୁ ହିଁ ଛାଞ୍ଚିଛି। ଗୀତକୁଡିଆ ଗୀତର ଆଲୋଚନା ପୁସ୍ତକ 'ଗୀତମାରା', ନ୍ୟାସନାଲ ବୁକ୍ ଟ୍ରଷ୍ଟ ଦ୍ୱାରା ପ୍ରକାଶିତ ଦେଶିଆ ଭାଷାର ଅନୁବାଦ ପୁସ୍ତକ 'କାଏ ହେଲା', ଦେଶିଆ ଭାଷାର କବିତା ସଙ୍କଳନ 'ବାଲିଫୁଲ' ଓ ଓଡିଆ କବିତା ପୁସ୍ତକ 'ପ୍ରେମିକା' ପ୍ରକାଶିତ ହୋଇଛି। ଲୋକ ଦେବୀ ଦେବତାମାନଙ୍କ ଉପରେ ଆଗକୁ ଗୋଟିଏ ପ୍ରବନ୍ଧ ପୁସ୍ତକ ମଧ୍ୟ ଆସୁଛି। ଆକାଶବାଣୀ ଓ ଦୂରଦର୍ଶନରେ ଲେଖା ବିଭିନ୍ନ ସମୟରେ ବାଜୁଛି। ଏ ସବୁ ହିଁ ମୁଁ ସଞ୍ଚୟ କରୁଥିବା ସମ୍ପଦ। ଅବିଭକ୍ତ କୋରାପୁଟ ତଥା ଓଡିଶାର ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କରିବା ଉଦ୍ଦେଶ୍ୟରେ ବର୍ତ୍ତମାନ ଆରମ୍ଭ କରିଛି 'ହର୍ଷିତା' ନାମରେ ଗୋଟିଏ ପ୍ରକାଶନୀ ସଂସ୍ଥା। ବଡ଼ମାନଙ୍କ ଆଶୀର୍ବାଦ, ସାନମାନଙ୍କ ଭଲପାଇବା ଓ ପରିବାରବର୍ଗଙ୍କ ସହଯୋଗ ହିଁ ଆଗାମୀ ଜୀବନକୁ ସରସ ସୁନ୍ଦର କରିବ। ସେତିକି ମମତ୍ୱ ମତେ ସବୁବେଳେ ମିଳିଛି ତେଣୁ ସମସ୍ତଙ୍କୁ ମୋର ଆନ୍ତରିକ କୃତଜ୍ଞତା ।

# ସୁନା ହରିଣୀର ଚୋରା ଚାହାଣୀ, ସେଥିରେ ଲୁଚିଛି ପ୍ରେମ କାହାଣୀ

ସାଥୀ



**ପ୍ରଶ୍ନ–** ଜଣେ ଝିଅ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ତନ୍ମୟ ସାହୁ, କଟକ*

**ଉତ୍ତର:** ପ୍ରେମରେ ମଗଜ ଖଟାଇଲେ ସବୁକିଛି ଜାଣିପାରିବେ। ସେ ସୁନ୍ଦରୀ ଯଦି ଆପଣଙ୍କୁ ଚାହୁଁଛି ତେବେ ସେହି ଚାହାଣୀରେ ଅନେକ କଥା ରହିଛି। ତାକୁ ଭାବିଲେ ତ ମୁଣ୍ଡ ଘୁରାଇ ଦେବ, ହେଲେ ଥଣ୍ଡା ମିଜାସରେ ଚିନ୍ତା କଲେ ସେହି ଚାହାଣୀରେ ପ୍ରେମର ଅସଲ ମଞ୍ଜି ପୋତି ହୋଇ ରହିଛି ବୋଲି ଜାଣିପାରିବେ। 'ସୁନା ହରିଣୀର ଚୋରା ଚାହାଣୀ, ସେଥିରେ ଲୁଚିଛି ପ୍ରେମ କାହାଣୀ'। ବାସ୍, ସେହି ଚାହାଣୀ, ତାହାର ଭାବଭଙ୍ଗୀକୁ ଭଲ ଭାବରେ ପଢ଼ନ୍ତୁ। ତା' ଭିତରେ କେଉଁଠି ନା କେଉଁଠି ପ୍ରେମର ଅସଲ ବାସ୍ନା ନିଶ୍ଚୟ ଲୁଚି ରହିଛି।

**ପ୍ରଶ୍ନ–** ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ କ'ଣ ମୋତେ ପ୍ରେମ କରୁଛି ?

*–ବାଦଲ ରାଉତ, ବାଲେଶ୍ୱର*

**ଉତ୍ତର:** ଏକତରଫା ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ହେଲେ ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ନିଶାନା ଠିକ୍ ଲାଗିଗଲା, ତେବେ ଜାଣି ନିଅନ୍ତୁ ଯେ ଆପଣଙ୍କର ପ୍ରେମ ମିଶନ ସକସେସ୍ ହୋଇଗଲା।

**ପ୍ରଶ୍ନ–** ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ସେ ମୋତେ ଭଲ ପାଉଛି କି ନାହିଁ କେମିତି ଜାଣିବି ?

*–ସୁଜିତ କୁମାର ପ୍ରହରାଜ, ପୁରୀ*

**ଉତ୍ତର:** ପ୍ରେମର ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। କଥାରେ ପରା ଅଛି– ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ଓ୍ୱ ଭି ପସ୍ତାୟା। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।

**ପ୍ରଶ୍ନ–** ଜଣେ ଝିଅକୁ ମୁଁ କେତେ ଥର 'ଆଇ ଲଭ୍ ୟୁ' କହିସାରିଲାଣି। ହେଲେ ସେ ମୋତେ କିଛି କହିବାକୁ ଚାହୁଁଛି। କିନ୍ତୁ କହୁନି କାହିଁକି ?

*–ବିକାଶ ନାୟକ, କେନ୍ଦ୍ରାପଡା*

**ଉତ୍ତର:** ସେ ଆପଣଙ୍କୁ କିଛି କହିବାକୁ ଚାହୁଁଛି। ଏହାର ଉତ୍ତର ଆପଣ ତାଙ୍କର ଚାହାଣୀ, କଥାବାର୍ତ୍ତା ଶୈଳୀରୁ ଅନୁମାନ କରିପାରିବେ। ହେଲେ ତାହାକୁ ଠିକ୍ ଭାବରେ ପଢ଼ି ପାରିଲେ ହେଲା। ସେ ଝିଅଟି ଯଦି କିଛି କହିବାକୁ ବିଳମ୍ବ କରୁଛି, ତେବେ ଆପଣ ଅଧୈର୍ଯ୍ୟ ହେଉଛନ୍ତି କିଆଁ ? ହୁଏତ ବିଳମ୍ବରେ ଆପଣଙ୍କୁ ଶୁଭ ଖବର ମିଳିପାରେ !

**ପ୍ରଶ୍ନ–** ପ୍ରେମ କରିବା ପୂର୍ବରୁ କେତେକ ଝିଅ ନଖରାମି କରନ୍ତି କାହିଁକି ?

*–ତନ୍ମୟ, ବ୍ରହ୍ମପୁର*

**ଉତ୍ତର:** ବେଳେବେଳେ ସେହି ନଖରାମିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ। କେତେକ ତାହାକୁ ସିରିୟସଲି ନିଅନ୍ତି ଆଉ ପ୍ରେମ ବିଷୟରେ ଅନେକ ନେଗେଟିଭ କଥା ଭାବନ୍ତି। ପ୍ରେମର ଆରମ୍ଭରେ ପ୍ରେମିକାର ନଖରାମିକୁ ଟିକେ ହାଲକା ଭାବରେ ନିଅନ୍ତୁ। ତାହାର ସେହି ନଖରାମି ପଛରେ କାରଣକୁ ନ ଖୋଜି ସେଇଠୁ ହିଁ ଅସଲ ପ୍ରେମର ସୂତ୍ର ଆପଣ ପାଇପାରିବେ। ତେଣୁ ନଖରାମିକୁ ନେଇ ନୋ ଟେନସନ୍, ଓନଲି ମସ୍ତି !



# ଫ୍ୟାଶନେବଲ୍ ଚାନ୍ଦ୍‌ବାଲି ଇୟର୍ ରିଂ



**ନାରୀ ସୌନ୍ଦର୍ଯ୍ୟକୁ ଅଧିକ ଆକର୍ଷଣୀୟ କରିଥାଏ ଇୟର ରିଂ। ସେଥିପାଇଁ ତ ଏହାର ଅନେକ ଭେରାଇଟି ଦେଖିବାକୁ ମିଳେ। ତେବେ ପୂଜାପର୍ବ ସମୟରେ ଚାନ୍ଦ୍‌ବାଲି ଇୟର ରିଂ ଭଳି ପାରମ୍ପରିକ ଇୟର ରିଂର ଚାହିଦା ଖୁବ୍ ବଢିଯାଏ। କାରଣ ଏହା ସବୁ ପ୍ରକାରର ଆଉଟ୍‌ଫିଟ୍ ସାଙ୍ଗକୁ ବେଶ୍ ଭଲ ମାନିବା ସହ ଆଉଟ୍‌ଷ୍ଟାଣ୍ଡିଂ ଲୁକ୍ ଦେଇଥାଏ...**





ଚାନ୍ଦ୍‌ବାଲି ଇୟର୍ ରିଂର ଟ୍ରେଣ୍ଡ କେବେ ବି ପୁରୁଣା ହୁଏ ନାହିଁ। ପାର୍ଟି ୱେର୍ ଶାଢି ହେଉ ଅବା ଲେହେଙ୍ଗା ଅଥବା ଅନାରକଲି କିମ୍ବା ସାଲୱାର୍ ସୁଟ୍ ଭଳି ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ସହିତ ଏହା ବେଶ୍ ଭଲ ମାନିଥାଏ। ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ ବି ଏହାକୁ ଟ୍ରାଏ କଲେ ଆଟ୍ରାକ୍ଟିଭ୍ ଲୁକ୍ ମିଳେ। ହେଲେ ଧ୍ୟାନ ଦେବେ ୱେଷ୍ଟର୍ନ ଆଉଟ୍‌ଫିଟ୍ ସହ କେବେ ବି ଅଧିକ ଷ୍ଟୋନ ଲାଗିଥିବା କିମ୍ବା ହେଭି କାମ ହୋଇଥିବା ଚାନ୍ଦ୍‌ବାଲି ଇୟର୍ ରିଂ ପିନ୍ଧିବେ ନାହିଁ। ସିମ୍ପଲ୍ ଷ୍ଟାଇଲ୍‌ର ଇୟର ରିଂ ହିଁ ଏହି ଆଉଟ୍‌ଫିଟ୍‌କୁ ବେଶ୍ ମାନିବ। ତେବେ କେଉଁ ଷ୍ଟାଇଲ୍‌ର ଚାନ୍ଦ୍‌ବାଲି ଇୟର ରିଂ କେଉଁ ଆଉଟ୍‌ଫିଟ୍ ସହ ଭଲ ମାନିବ ଜାଣନ୍ତୁ ସେ ସମ୍ପର୍କରେ...

**କୁନ୍ଦନ ଚାନ୍ଦ୍‌ବାଲି ଇୟର ରିଂ:** କୁନ୍ଦନ କାମ ହୋଇଥିବା ଚାନ୍ଦ୍‌ବାଲି ଇୟର ରିଂ ଦେଖିବାକୁ ଯେମିତି ସୁନ୍ଦର ଲାଗେ ପିନ୍ଧିଲେ ସେମିତି ଆକର୍ଷଣୀୟ ଲୁକ୍ ଦେଇଥାଏ। ଖାସ୍‌କରି ଶାଢି, ଅନାରକଲି ଅବା ଲେହେଙ୍ଗା ସହ ଏହି ଇୟର ରିଂ ବେଶ୍ ଭଲ ମାନିଥାଏ। ଅନେକ ସମୟରେ ଦେଖାଯାଏ ଏହି ଇୟର ରିଂରେ କୁନ୍ଦନ ଖଚିତ ହେବା ସହ ତଳଭାଗରେ ପର୍ଲ ମଧ୍ୟ ଲାଗିଥାଏ, ଯାହା ଇୟର ରିଂର ଲୁକ୍‌କୁ ଆହୁରି ସୁନ୍ଦର କରି ଦେଇଥାଏ।







**ଝୁମ୍‌କା ଷ୍ଟାଇଲ୍ ଚାନ୍ଦ୍‌ବାଲି ଇୟର ରିଂ:** ଝୁମ୍‌କା ଷ୍ଟାଇଲ୍‌ର ଇୟର ରିଂ ଦେଖିବାକୁ ତ ସେମିତି ସୁନ୍ଦର ଲାଗିଥାଏ। ଆଉ ତା'ସାଙ୍ଗକୁ ଚାନ୍ଦ୍‌ବାଲି ଡିଜାଇନ୍‌ର ଇୟର୍ ରିଂ ମିଶିଗଲେ ଏହାର ଲୁକ୍ ଯେ କେତେ ଆକର୍ଷଣୀୟ ଲାଗୁଥିବ, ଏହିଥିରୁ ଅନୁମାନ କରିପାରୁଥିବେ। ପୂଜାପାର୍ବଣ ସମୟରେ ଗର୍ଜିୟସ୍ ଶାଢି ହେଉ ଅବା ଯେ କୌଣସି ପାରମ୍ପରିକ ପୋଷାକ ସହ ଏହି ଷ୍ଟାଇଲ୍‌ର ଇୟର୍ ରିଂକୁ ଟ୍ରାଏ କଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ଅକ୍ସିଡାଇଜ୍ଡ ଚାନ୍ଦ୍‌ବାଲି ଇୟର ରିଂ:** ଅକ୍ସିଡାଇଜ୍ଡ ଜୁଏଲେରୀ ଯୁବତୀଙ୍କୁ ମଡର୍ଣ୍ଣ ଲୁକ୍ ଦେଇଥାଏ। ତେଣୁ ଚାନ୍ଦ୍‌ବାଲି ଷ୍ଟାଇଲ୍‌ର ଅକ୍ସିଡାଇଜ୍ଡ ଇୟର ରିଂକୁ ଯୁବତୀମାନେ ଚାହିଁଲେ ଉଭୟ ଟ୍ରାଡିଶନାଲ୍ ଆଉଟ୍‌ଫିଟ୍ ହେଉ ଅବା ୱେଷ୍ଟର୍ନ ଆଉଟଫିଟ୍ ସହ ଆରାମରେ ଟ୍ରାଏ କରିପାରିବେ।

**ଟେମ୍ପଲ୍ ଜୁଏଲେରୀର ଚାନ୍ଦ୍‌ବାଲି ଇୟର ରିଂ:** ସାଧାରଣତଃ ଟେମ୍ପଲ୍ ଜୁଏଲେରୀ ପ୍ରତି ଦକ୍ଷିଣ ଭାରତୀୟ ମହିଳାମାନଙ୍କର ଖୁବ୍ ଆଦର ଓ ଶ୍ରଦ୍ଧା ରହିଥାଏ। କିନ୍ତୁ ବର୍ତ୍ତମାନର ଫ୍ୟାଶନ ଦୁନିଆରେ ଏହାକୁ ସବୁ ବର୍ଗର ମହିଳାମାନେ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି। ଯେହେତୁ ଏହି ଜୁଏଲେରୀ ହେଭି ଡିଜାଇନ୍‌ର ହୋଇଥାଏ, ତେଣୁ ଏହାକୁ ହେଭି ୱାର୍କ ବାଲା ପୋଷାକ ସହ ପିନ୍ଧିଲେ ଆକର୍ଷଣୀୟ ଲୁକ୍ ମିଳିଥାଏ। ଆଉ ଯେତେବେଳେ ଟେମ୍ପଲ୍ ଜୁଏଲେରୀର ଚାନ୍ଦ୍‌ବାଲି ଇୟର ରିଂର କଥା ଉଠେ, ସେତେବେଳେ ଗୋଲ୍ଡେନ୍ ବର୍ଡରବାଲା ଶାଢି ହେଉ ଅବା ସାଲୱାର୍ କିମ୍ବା ଲେହେଙ୍ଗା ସହ ଏହାକୁ ପେୟାର୍ କରି ପିନ୍ଧିଲେ ଲୁକ୍ ବେଶ୍ ସୁନ୍ଦର ଲାଗିଥାଏ। ବିଶେଷକରି ପୂଜାପାର୍ବଣ ସମୟରେ ଏହି ଇୟର ରିଂକୁ ପିନ୍ଧିଲେ ମୁହଁ ପୁରିଲା ପୁରିଲା ଦେଖାଯାଇଥାଏ।



ଆରୋହୀ

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧ **ଫଟୋ ସୌଜନ୍ୟ: ଧରିତ୍ରୀ, କୁମାର ଶରତ**

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ବଡ଼ ହେଲେ

ପପୁ ମୋନୁକୁ: କହିଲୁ ଦେଖି ମଶା ବଡ଼ ହେଲେ କ'ଣ ହେବ ?

ମୋନୁ: ଜାଣିପାରୁନି କ'ଣ ହେବ।

ପପୁ: ଆରେ ବୋକା ସେ ହାତୀ ହେବ।

ମୋନୁ: କେମିତି ?

ପପୁ: ମଶାର ସୁଣ୍ଢ ଅଛି, ହାତୀର ବି। ତା'ମାନେ ମଶା ବଡ଼ ହେଇ ହାତୀ ହେଉଛି ନା।

## ପୁଅ

ରାସ୍ତାରେ ଆକ୍ସିଡେଣ୍ଟ ହୋଇ ଏକ ସ୍ଥାନରେ ବହୁତ ଗହଳି ହୋଇଥାଏ। ଏହା ଦେଖି ରାଜୁ: ଦେଖିବା କାହାର ଆକ୍ସିଡେଣ୍ଟ ହେଇଛି।

ଗହଳି ଭିତରେ ଯେତେ ଚେଷ୍ଟା କଲେ ବି ରାଜୁ ପଶି ପାରିଲା ନାହିଁ। ଶେଷରେ ଏକ ପ୍ଲାନ କରି କହିଲା: ଦୟା କରି ମତେ ଭିତରକୁ ଯିବାକୁ ଦିଅ। ଯାହାର ଆକ୍ସିଡ଼େଣ୍ଟ ହେଇଛି ସେ ମୋ ପୁଅ।

ଭିତରକୁ ପଶିବା ପରେ ଦେଖିଲା– ଏକ ଗଧ ମରି ପଡିଛି।

## ଡ୍ୟାନ୍ସ କରିବେ

ବାହାଘରେ ସୁନ୍ଦର ଯୁବତୀ ଜଣେ ଯୁବକଙ୍କୁ: ଆପଣ ଡ୍ୟାନ୍ସ କରିବାକୁ ପସନ୍ଦ କରିବେ ?

ଯୁବକ ଖୁସିରେ: ହଁ, ହଁ କାହିଁକି ନୁହେଁ ? ନିଶ୍ଚୟ..

ଯୁବତୀ: ଠିକ୍ ଅଛି, ଆପଣ ଡ୍ୟାନ୍ସ କରନ୍ତୁ। ମୁଁ ଆପଣଙ୍କ ଚେୟାରଟା ନେଉଛି।





## କ'ଣ ଦେଖିବେ

ଉଲାର୍ ଲେକ୍ ଜମ୍ମୁ ଓ କଶ୍ମୀରର ବାଣ୍ଡିପୋରା ଜିଲା ଅନ୍ତର୍ଗତ ଏକ ମିଠା ପାଣିର ହ୍ରଦ, ତା'ସାଙ୍ଗକୁ ସ୍ଥାନୀୟ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ। କାରଣ ଏହି ହ୍ରଦକୁ ଘେରି ରହିଥିବା ପାହାଡର ଅପରୂପ ଦୃଶ୍ୟ ତଥା ଏଠାକାର ଶାନ୍ତ ପରିବେଶ ଦେଶବିଦେଶର ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ସୂଚନାନୁଯାୟୀ, ଏହା କୁଆଡ଼େ ଭାରତର ଅନ୍ୟଏକ ବୃହତ୍ତମ ମିଠା ପାଣିର ହ୍ରଦ ଭାବେ ବି ବେଶ୍ ଜଣାଶୁଣା। ଏହି ହ୍ରଦରେ ଥିବା ଜଳ କୁଆଡ଼େ ପ୍ରାୟ ୨୦୦ ବର୍ଗ କି.ମି ପର୍ଯ୍ୟନ୍ତ ପରିବ୍ୟାପ୍ତ ଏବଂ ଏହାର ଲମ୍ବା କୁଆଡ଼େ ପ୍ରାୟ ୨୪ କି.ମି ପର୍ଯ୍ୟନ୍ତ ରହିଛି। ତେବେ ସବୁବେଳେ ଏହି ହ୍ରଦ ଏତେ ବଡ଼ ଦେଖାଯାଏନି। ଯେତେବେଳେ ଏହି ହ୍ରଦରେ ପାଣି ଅଧିକ ଥାଏ, ସେତେବେଳେ ଏହାକୁ ଦେଖିଲେ ଭୟ ଲାଗେ। କିନ୍ତୁ ଅନ୍ୟ ସମୟରେ ଏହା ଶାନ୍ତ ଭାବେ ରହିଥାଏ। ସେଥିପାଇଁ ତ ଏହି ହ୍ରଦରେ ପର୍ଯ୍ୟଟକଙ୍କ ଆମୋଦ ପ୍ରମୋଦ ପାଇଁ ବୋଟିଂ, ୱାଟର୍ ସ୍କିଂ ପରି ନାନାଦି ଜଳକ୍ରୀଡ଼ା ତଥା ଫିଶିଂର ବେଶ୍ ସୁବିଧା ରହିଛି। ଆଉ ଯାହାର ମଜା ନେବା ପାଇଁ ବର୍ଷର ଅଧିକାଂଶ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରଲକ୍ଷିତ ହୁଏ। କେବଳ ସେତିକି ନୁହେଁ ଏହି ହ୍ରଦ ନିକଟରେ ନାନାଦି ପକ୍ଷୀଙ୍କୁ ମଧ ଦେଖିବାର ସୁଯୋଗ ମିଳେ। ଖାସ୍ କରି ଶୀତଦିନେ ଏଠାରେ ନାନା ଜାତିର ପକ୍ଷୀ ଦେଖାଯାଇଥାନ୍ତି।

## ନିକଟସ୍ଥ ପର୍ଯ୍ୟଟନସ୍ଥଳୀ

ଏହି ହ୍ରଦ ନିକଟରେ ହେଉ ଅବା କିଛି ଦୂରରେ ଆହୁରି ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଥିବାର ମଧ ସୂଚନା ରହିଛି। ଯେମିତିକି: ଆନ୍‌ଚର୍ ଲେକ୍, ଡଲ୍ ଲେକ୍, ଗାଙ୍ଗବାଲ୍ ଲେକ୍, ମାନାସବାଲ୍ ଲେକ୍, ହାଥ୍‌ଲାଙ୍ଗୁ, ଖାନ୍‌ପୁର୍‌ସାର୍ ଇତ୍ୟାଦି ଅନ୍ୟତମ।

## କେବେ ଯିବେ

ବର୍ଷର ସବୁ ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ବି ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ବର୍ଷା ଦିନକୁ ଛାଡ଼ି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ବୁଲି ଯାଇହେବ। ପକ୍ଷୀ ଦେଖିବାର ଇଚ୍ଛା ଥିଲେ ଶୀତ ଦିନେ ଏଠାକୁ ଯିବା ବେଷ୍ଟ ହୋଇଥାଏ। ସେହିପରି ବୋଟିଂ ଓ ଫିଶିଂ ପାଇଁ ଖରାଦିନ ସବୁଠୁ ଉପଯୁକ୍ତ ହୋଇଥାଏ।

# ଉଲାର୍ ଲେକ୍

**ଜମ୍ମୁ ଓ କଶ୍ମୀରର ବାଣ୍ଡିପୋରା ଜିଲାରେ ଅବସ୍ଥିତ ଉଲାର୍ ଲେକ୍ ହେଉଛି ଏକ ମିଠା ପାଣିର ହ୍ରଦ। ସୂଚନାନୁଯାୟୀ, ଏହା ହେଉଛି ଭାରତର ଅନ୍ୟ ଏକ ବୃହତ୍ତମ ମିଠା ପାଣିର ହ୍ରଦ। ଏହି ହ୍ରଦରେ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ଜଳକ୍ରୀଡ଼ାର ସୁବିଧା କରାଯାଇଥିବାରୁ ପ୍ରାୟତଃ ଏଠାରେ ଆଗନ୍ତୁକଙ୍କର ଭିଡ଼ ପରିଲକ୍ଷତି ହୋଇଥାଏ।**


## କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ବି ବେଶ୍ ସୁବିଧା ରହିଛି। ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ଯା'ଆସ କରିଥାଏ। ପର୍ଯ୍ୟଟକ ଚାହିଁଲେ ସେଥିରେ ଯାଇପାରିବେ। ନଚେତ୍ ନିଜ ଗାଡ଼ି ମଧ ନେଇ ଯାଇପାରିବେ। ତା'ଛଡ଼ା ଏଠାକୁ ଯିବା ପାଇଁ ଟ୍ରେନ୍ ଓ ଫ୍ଲାଇଟ୍‌ର ବି ବ୍ୟବସ୍ଥା ଅଛି। ଏହି ସୁବିଧା ବି ପର୍ଯ୍ୟଟକ ଚାହିଁଲେ ଆପଣେଇ ପାରିବେ।

## ଜାଣିବା କଥା

ଏହି ହ୍ରଦ ନିକଟକୁ ବୁଲି ଯିବା ପାଇଁ ସକାଳ ୬ରୁ ସନ୍ଧ୍ୟା ୬ଟା ହେଉଛି ଉପଯୁକ୍ତ ସମୟ। କାରଣ ଏହାପରେ ଏଠାରେ ବୁଲାବୁଲି କରିବାକୁ ପର୍ଯ୍ୟଟକଙ୍କୁ ମନା କରାଯାଇଥାଏ। ସେହିପରି ଯେହେତୁ ଏହା ଏକ ପାଣି ଜାଗା ତେଣୁ ଏଠାରେ ଜଳକ୍ରୀଡ଼ା କରିବା ସମୟରେ ସତର୍କତା ଅବଲମ୍ବନ କରିବାକୁ ପର୍ଯ୍ୟଟକଙ୍କୁ ବାରମ୍ବାର ସଚେତନ କରାଯାଇଥାଏ। ଛୋଟ ପିଲାଙ୍କୁ ଧରି ଏଠାକୁ ବୁଲିଗଲା ବେଳେ ବି ବେଶ୍ ସଚେତନତାର ସହ ଯିବାକୁ ହୋଇଥାଏ। ତା'ଛଡ଼ା ହ୍ରଦରେ ଯେତେବେଳେ ଅଧିକ ପାଣିଥାଏ, ଏଠାରେ ବୋଟିଂ କରିବାକୁ ବାରଣ କରାଯାଇଥାଏ। ତେଣୁ ପର୍ଯ୍ୟଟକ ଏଥିପ୍ରତି ସତର୍କ ରହିବା ନିହାତି ଜରୁରୀ।






# ରକ୍ତଦାନର କଥା



ଜୁନ୍ ୧୪ ତାରିଖ ହେଉଛି କାର୍ଲ ଲ୍ୟାଣ୍ଡଷ୍ଟେନରଙ୍କ ଜନ୍ମଦିନ। କାର୍ଲ ଲ୍ୟାଣ୍ଡଷ୍ଟେନର୍ ହେଉଛନ୍ତି ସେହି ବୈଜ୍ଞାନିକ ଯିଏକି ପୃଥିବୀକୁ ବ୍ଲଡ ଗ୍ରୁପ୍ ସିଷ୍ଟମ ସମ୍ପର୍କରେ ଅବଗତ କରାଇଥିଲେ। ବ୍ଲଡ ଗ୍ରୁପ୍ ସମ୍ପର୍କରେ ଆବିଷ୍କାର କରିଥିବାରୁ ୧୯୩୦ ମସିହାରେ ତାଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମଣିଷ ରକ୍ତକୁ ଏ,ବି,ଏବି ଏବଂ ଓ ଗ୍ରୁପ୍‌ରେ ବର୍ଗୀକୃତ କରିଥିବା ପ୍ରଥମ ବ୍ୟକ୍ତି ହେଉଛନ୍ତି କାର୍ଲ ଲ୍ୟାଣ୍ଡଷ୍ଟେନର। ତାଙ୍କର ଏହି କାମ ବ୍ଲଡ୍ ଟ୍ରାନ୍ସ ଫ୍ୟୁଜନ୍ କ୍ଷେତ୍ରରେ କ୍ରାନ୍ତି ଆଣିଥିଲା। ତେଣୁ ତାଙ୍କର ଜନ୍ମ ଦିବସ ଜୁନ୍ ୧୪ ତାରିଖକୁ ସାରା ପୃଥିବୀରେ ବିଶ୍ୱ ରକ୍ତଦାତା ଦିବସ ଭାବେ ପାଳନ କରାଯାଏ। ୨୦୦୪, ଜୁନ ୧୪ରେ ପ୍ରଥମ ଥର ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଅଫ ରେଡ୍‌କ୍ରସ ଆଣ୍ଡ କ୍ରିସେଣ୍ଟ ସୋସାଇଟି, ଇଣ୍ଟରନ୍ୟାଶନାଲ ଫେଡେରେଶନ୍ ଅଫ୍ ବ୍ଲଡ୍ ଡୋନର୍ ଅର୍ଗନାଇଜେଶନ୍‌ସ ଏବଂ ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ୍ ବ୍ଲଡ ଟ୍ରାନ୍ସଫ୍ୟୁଜନ୍ ମିଳିତଭାବେ ବିଶ୍ୱ ରକ୍ତଦାତା ଦିବସ ଆରମ୍ଭ କରିଥିଲେ। କାର୍ଲ ଲ୍ୟାଣ୍ଡଷ୍ଟେନର ତ ରକ୍ତର ବର୍ଗୀକରଣ କରିଥିଲେ ହେଲେ ଚାର୍ଲସ୍ ରିଚାର୍ଡ ଡ୍ରୁ ଯେକି ଜଣେ ଆମେରିକୀୟ ସର୍ଜନ ଓ ମେଡିକାଲ ରିସର୍ଚ୍ଚର ଥିଲେ ସେ ବ୍ଲଡ୍ ଟ୍ରାନ୍ସଫ୍ୟୁଜନ୍ ଓ ରକ୍ତ ସଂରକ୍ଷିତ କରି ରଖିବା ଲାଗି ଉନ୍ନତ କୌଶଳର ଉଦ୍ଭାବନ କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧର ପ୍ରାରମ୍ଭିକ ସମୟରେ ସେ ବ୍ଲଡ୍ ବ୍ୟାଙ୍କର ବିକାଶ କରିସାରିଥିଲେ। ଫଳରେ ଯୁଦ୍ଧରେ ଆହତ ଅନେକ ସୈନ୍ୟଙ୍କ ଜୀବନ ରକ୍ଷା କରାଯାଇପାରିଥିଲା। ଏହା ପରଠାରୁ ରକ୍ତଦାନ ପରି ମହାନ୍ କାର୍ଯ୍ୟ ଜାରିରହିଛି।

**ପ୍ରତିବର୍ଷ ଜୁନ୍ ୧୪ ତାରିଖକୁ ବିଶ୍ୱ ରକ୍ତଦାତା ଦିବସଭାବେ ପାଳନ କରାଯାଉଛି। ତେବେ ଜାଣନ୍ତି କି କେବେ ଓ କାହିଁକି ଏହିଦିନକୁ ବିଶ୍ୱ ରକ୍ତଦାତା ଦିବସଭାବେ ଚୟନ କରାଯାଇଥିଲା? ଜାଣନ୍ତୁ ସେ ସମ୍ପର୍କରେ...**



## କିଛି ଜାଣିବା କଥା

- ସାଧାରଣତଃ ମଣିଷ ଶରୀରରେ ୧୦ ୟୁନିଟ୍ ଅର୍ଥାତ୍ ୫-୬ ଲିଟର ରକ୍ତ ଥାଏ। ତେବେ ରକ୍ତଦାନ କରୁଥିବା ବ୍ୟକ୍ତି କେବଳ ୧ ୟୁନିଟ୍ ରକ୍ତ ଦାନ କରିପାରିବେ।
- ଥରେ ରକ୍ତଦାନ କଲେ ତିନିଜଣଙ୍କ ଜୀବନ ରକ୍ଷା ହୋଇପାରେ।
- ଭାରତରେ କେବଳ ୭% ଲୋକଙ୍କର ବ୍ଲଡ ଗ୍ରୁପ୍ 'ଓ' ନେଗେଟିଭ୍ । ଏହି ବ୍ଲଡ୍ ଗ୍ରୁପ୍‌କୁ ୟୁନିଭର୍ସାଲ ଡୋନର୍ ବୋଲି କୁହାଯାଏ। ଅର୍ଥାତ୍ ଏହି ରକ୍ତକୁ ଯେକୌଣସି ବ୍ଲଡ୍ ଗ୍ରୁପ୍‌ର ଲୋକଙ୍କୁ ଦେଇହେବ। ଯଦି କୌଣସି ଏମରଜେନ୍ସି ସମୟରେ ବ୍ଲଡ୍ ଗ୍ରୁପ୍ ଜଣା ନ ପଡ଼େ ତେବେ 'ଓ' ନେଗେଟିଭ ବ୍ଲଡ୍ ଦିଆଯାଏ।
- ରକ୍ତଦାନ ପ୍ରକ୍ରିୟା ବହୁତ ସରଳ। ଏହାଦ୍ୱାରା ସାଧାରଣତଃ ରକ୍ତଦାତାଙ୍କୁ ବିଶେଷ କିଛି କଷ୍ଟ ହୋଇ ନ ଥାଏ।
- ୧୮-୬୦ ବର୍ଷ ବୟସର ଯେକୌଣସି ବ୍ୟକ୍ତି ରକ୍ତଦାନ କରିପାରିବେ। ତେବେ ରକ୍ତଦାନ ପୂର୍ବରୁ ରକ୍ତଦାତାଙ୍କ ଓଜନ, ପଲ୍ସ ରେଟ୍, ବ୍ଲଡ ପ୍ରେସର୍, ହିମୋଗ୍ଲୋବିନ ଲେଭଲ, ଶରୀରର ତାପମାତ୍ରା ଆଦିର ପରୀକ୍ଷଣ କରାଯାଏ। ଯଦି ଏସବୁ ଠିକ୍ ଥାଏ ତେବେ ଯାଇ ସେହି ବ୍ୟକ୍ତି ରକ୍ତଦାନ କରିପାରିବେ।
- ରକ୍ତଦାନ ପରେ ଯଦି ମୁଣ୍ଡ ବୁଲାଏ, ଝାଳ ବହେ, ଓଜନ କମେ ଓ ଅନ୍ୟ କିଛି ସମସ୍ୟା ଅଧିକ ସମୟ ପର୍ଯ୍ୟନ୍ତ ଲାଗିରହେ ତେବେ ସେହି ବ୍ୟକ୍ତି ରକ୍ତଦାନ ନ କରିବା ଭଲ।
- ହୋଲ୍ ବ୍ଲଡ୍ ଡୋନେଶନ୍ ପରେ ପୁରୁଷ ୩ ମାସ ଓ ମହିଳା ୪ ମାସ ଅନ୍ତରରେ ରକ୍ତଦାନ କରିପାରିବେ।



## ସ୍ମାର୍ଟ ଚାମଚ

ବେଳେବେଳେ କିଛି ଖାଦ୍ୟ ଖାଇବା ସମୟରେ କେଉଁଥିରେ ଲୁଣ କମ୍ କିମ୍ବା ଅଧିକ ହୋଇଥାଏ। ପୁଣି କେଉଁ ଖାଦ୍ୟ ଠିକ୍ ରାଗ ହୋଇ ନ ଥାଏ। ଫଳରେ ଖାଦ୍ୟ ସ୍ୱାଦିଷ୍ଟ ଲାଗେନା। ଏଭଳି ସମସ୍ୟାକୁ ଦୂର କରିବା ଲାଗି ଜାପାନର ଟେକ୍ କମ୍ପାନୀ କିରିନ ହୋଲ୍ଡିଂସ୍ ତିଆରି କରିଛି ଏମିତି ଏକ ଚାମଚ ଯାହା ଖାଦ୍ୟର ସ୍ୱାଦ ବଢାଇବ। କିରିନ୍ ହୋଲ୍ଡିଂସ୍ ମେଇଜି ୟୁନିଭର୍ସିଟିର ବୈଜ୍ଞାନିକଙ୍କ ସହ ମିଶି ଏହି ସ୍ମାର୍ଟ ଚାମଚ ତିଆରି କରିଛନ୍ତି। ଏହି ଚାମଚ ଯେଉଁ ଖାଦ୍ୟକୁ ଛୁଏଁ ସେହି ଖାଦ୍ୟକୁ ସେ ବୈଦ୍ୟୁତିକ ଚାର୍ଜ ପଠାଇଥାଏ। ସେହି ସମୟରେ ଏହି ଚାମଚ ଜିଭ ଚାରିପଟେ ବି ଏକ ପ୍ରକାରର ବୈଦ୍ୟୁତିକ କ୍ଷେତ୍ର ସୃଷ୍ଟି କରିଥାଏ। ଫଳରେ ଖାଦ୍ୟ ଠିକ୍ ମାତ୍ରାରେ ଲୁଣ ଓ ଫ୍ଲେଭର୍ ଅନୁଭବ ହୁଏ। ଅଧିକ ଲୁଣ ଖାଇବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ତେଣୁ ଅନେକେ କମ୍ ସ୍ୱାଦର ଖାଦ୍ୟ ଖାଇବାକୁ ବାଧ ହୁଅନ୍ତି। ହେଲେ ଏବେ ଏ ସମସ୍ୟା ଆଉ ରହିବନି। କାରଣ କମ୍ ଲୁଣଯୁକ୍ତ ଖାଦ୍ୟକୁ ଏହି ଚାମଚରେ ଖାଇଲେ ବ୍ୟକ୍ତିଙ୍କୁ ଯେତିକି ଖାଦ୍ୟରେ ଲୁଣ ଆବଶ୍ୟକ ସେତିକି ଅନୁଭବ ହେବ। ତେବେ ଯେଉଁମାନେ ଫେସିଆଲ ନର୍ଭ ଡିଜଅର୍ଡର, ମେଟାଲ ଆଲର୍ଜି ଓ ଯେଉଁମାନେ କଷ୍ଟ ଓ ତାପମାତ୍ରା ବାରି ନ ପାରିବା ରୋଗରେ ଆକ୍ରାନ୍ତ, ତା'ସହ ଗର୍ଭବତୀମାନେ ଏହି ଚାମଚକୁ ବ୍ୟବହାର ନ କରିବାକୁ କମ୍ପାନୀ ସତର୍କ ସୂଚନା ଦେଇଛି।



## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଲୁହର ପୁଞ୍ଜି




ଆମେରିକାର କାଲିଫର୍ଣ୍ଣିଆ ସହରରେ ଜଣେ ଧନିକ ମହିଳାଙ୍କ ମୃତ୍ୟୁ ହୁଏ । ଧନାଢ୍ୟ ମହିଳାଙ୍କ ଆଗରେ ପଛରେ ସେ ଛାଡି ଯାଇଥିବା ଧନକୁ ଭୋଗ କରିବାକୁ କେହି ନଥିଲେ । ତେଣୁ ମୃତ୍ୟୁ ପୂର୍ବରୁ ମହିଳା ଜଣଙ୍କ ଏକ ଅଜବ ଇଚ୍ଛା ପତ୍ର ତିଆରି କଲେ । ଇଚ୍ଛା ପତ୍ର ଅନୁସାରେ ତାଙ୍କ ମୃତ୍ୟୁପରେ ଅନ୍ତିମ ସଂସ୍କାର ସମୟରେ ଯିଏ ଯୋଗ ଦେବ ତାକୁ ପାଞ୍ଚ ଡ଼ଲାଲ ମିଳିବ ଆଉ ଯିଏ ଜୋର ଜୋରରେ କାନ୍ଦିବ ତାକୁ ପଚାଶ ଡଲାର ମିଳିବ । କିଛି ଦିନ ପରେ ମହିଳାଙ୍କ ମୃତ୍ୟୁ ହୁଏ । ଶହ ଶହ ଲୋକ ସ୍ୱତଃପ୍ରବୃତ୍ତ ଭାବେ ତାଙ୍କ ଅନ୍ତିମ ଯାତ୍ରାରେ ସାମିଲ ହେଲେ । ଅନେକ ଲୋକ ଛାତି ପିଟି କାନ୍ଦୁଥିଲେ ତ ଅନେକ କାନ୍ଦି କାନ୍ଦି ବେହୋସ ହେଇଯାଉଥିଲେ । ଅନ୍ତିମ ସଂସ୍କାର ସରିଲା ପରେ ସମସ୍ତେ ନିଜ ନିଜ କାନ୍ଦିବା ଅଭିନୟ ଅନୁଯାୟୀ ପ୍ରାପ୍ୟ ନେଇ ଖୁସି ଖୁସି ଫେରିଲେ ।

ଆମ ଦେଶରେ ମଧ୍ୟ ଏମିତି ଏକ ସମ୍ପ୍ରଦାୟ ଅଛନ୍ତି ଯାହାଙ୍କୁ ରୁଦାଲି କୁହାଯାଏ । କୌଣସି ରାଜା ଜମିଦାର କିମ୍ବା ଧନି ଲୋକର ମୃତ୍ୟୁ ହେଲେ ଏମାନଙ୍କୁ ଭଡାରେ ଡକାଯାଏ କାନ୍ଦିବା ପାଇଁ । ଏମାନଙ୍କ କାନ୍ଦ ଦେଖିଲେ ଲାଗିବ ଯେପରି ନିଜର କେହି ଆତ୍ମୀୟ ମରିଛନ୍ତି । ଅନ୍ତିମ ସଂସ୍କାର ସରିଗଲା ପରେ ଏମାନେ ନିଜ ଭଡା ଟଙ୍କା ନେଇ ଖୁସି ଖୁସି ଘରକୁ ଫେରନ୍ତି । ଏମାନଙ୍କ ନା ମରିଥିବା ଲୋକ ପ୍ରତି କୌଣସି ସମ୍ମାନ ଥାଏ ନା ତାଙ୍କ ମୃତ୍ୟୁରେ ବିଚ୍ଛେଦଜନିତ ଦୁଃଖ । ମୃତ ବ୍ୟକ୍ତିଙ୍କ କୌଣସି କାର୍ଯ୍ୟ ସମ୍ବନ୍ଧରେ ସେମାନେ ଅବଗତ ଥିବେ କି ନା ସନ୍ଦେହ । ଏମାନଙ୍କ ମତଲବ ନିଜ ପ୍ରାପ୍ୟରେ ଥାଏ । ଆମେ ଏମିତି କହିପାରିବା ଯେ ଦୁଃଖ ପ୍ରକାଶ ଭଳି ଅତ୍ୟନ୍ତ ବ୍ୟକ୍ତିଗତ ଅନୁଭବ ଭଡ଼ାରେ ମିଳେ ।

ନିର୍ବାଚନ ଆସିଲେ ନେତାଙ୍କ ସଭାରେ 'ବିଶାଳ ଜନ ସମାଗମ' ପାଇଁ ଭଡାରେ ଲୋକ ଆସନ୍ତି । ଏମାନଙ୍କ ନା ଦଳ ପ୍ରତି ନା ନେତାଙ୍କ ପ୍ରତି ସମ୍ମାନ ଥାଏ । ସଭାସ୍ଥଳରେ ଦିଆଯାଉଥିବା ରନ୍ଧା ଖାଦ୍ୟ, ଭିତିରିଆ ହାତଗୁଞ୍ଜା ଆଉ ନିଶାପାଣିରେ ସେମାନଙ୍କ ଲୟ ଥାଏ । ସକାଳେ ଗୋଟେ ରାଜନୈତିକ ଦଳର ସଭାରେ ଯୋଗ ଦେଲେ ସନ୍ଧ୍ୟାରେ ଆଉ ଗୋଟେ ଦଳର ସଭାରେ ଯାଇ ଭିଡ଼ କରନ୍ତି । ଏଥିପାଇଁ ନେତାଙ୍କ ଭାଷଣ ମଝିରେ ତାଳି ମାରି ଜିନ୍ଦାବାଦ ବୋଲି ଚିଲେଇବା ଗୁଣ ଏମାନଙ୍କ ଏକମାତ୍ର ଯୋଗ୍ୟତା । ନିର୍ବାଚନ ରାଲିରେ ନିଜ ମୋଟର ବାଇକ ଓ ସାଇକେଲକୁ ଭଡ଼ାରେ ଲଗେଇ ଯାଉଥିବା କିଛି ଲୋକେ ମୂଳରୁ ଯେମିତି କାଲା ହୋଇଯାଇଥାନ୍ତି । କିଛି ଲୋକ ସବୁ ରାଲିରେ ଥାଆନ୍ତି । ''ଖ'' ବାବୁଙ୍କ ରାଲିରେ ''କ'' ବାବୁଙ୍କ ବିରୁଦ୍ଧରେ ଡାଉନ୍ ଡାଉନ୍ କହିବାକୁଥିଲାବେଳେ କେତେବେଳେ ''ଖ'' ବାବୁ ଡାଉନ ଡାଉନ ଚିଲାନ୍ତି । ପୁଣି ପରଦିନ ''କ'' ବାବୁଙ୍କ ରାଲିରେ ''ଖ'' ନେତାଙ୍କ ବିପକ୍ଷରେ କହିବାକୁ ଥିଲାବେଳେ ରଡ଼ି ଛାଡ଼ନ୍ତି ଜିନ୍ଦାବାଦ, ଜିନ୍ଦାବାଦ ଅମର ରହେ । ବେଳେ ବେଳେ ନେତାଙ୍କ ନାଁ ଓ ପାର୍ଟି ଚିହ୍ନ ଏପଟ ସେପଟ ହୋଇଯାଇ ବଡ଼ କୁତୁକୁତିଆ ପରିସ୍ଥିତି ତିଆରି ହୁଏ । ଦଳ ବିଷୟରେ କୌଣସି ଜ୍ଞାନ ନଥିବା ଭଡାଟିଆ କର୍ମୀଙ୍କୁ ସଭାକୁ ଆଣିଲେ ଏମିତି ଅସୁବିଧା ହୁଏ । ଆଉ ଥରକ କଥା, ଥରେ ଜଣେ ନେତା ଭାଷଣ ଦେଉଥିବା ସମୟରେ ଖବର ଆସିଲା ତାଙ୍କ ଦଳର ନେତାଙ୍କ ହଠାତ୍ ଦେହାନ୍ତ ହେଇଗଲା । ନେତା ଦୁଃଖ ପ୍ରକାଶ ସହ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇମିନିଟ ନିରବ ପାର୍ଥନା କରିବାକୁ ମଞ୍ଚାସୀନ ଅତିଥିଙ୍କ ସମେତ ସଭାସ୍ଥଳରେ ଉପସ୍ଥିତ ସମସ୍ତ କର୍ମୀଙ୍କୁ ଅନୁରୋଧ କଲେ । ଭଡାରେ ଆସିଥିବା କର୍ମୀ ଭାବିଲେ ବୋଧେ ସଭା ସରିଲା ତେଣୁ ଚାରି ପାଞ୍ଚ ମିନିଟ ଯାଏଁ ତାଳି ମାରି ଚାଲିଲେ ।

ପ୍ରତ୍ୟେକ ନେତାଙ୍କ ଭାଷଣରେ ସମାନତା ଥାଏ, ''ଆମେ ତୁମର ଦାରିଦ୍ର୍ୟ ଦୂର କରିବୁ, ରୋଜଗାର ଯୋଗାଇବୁ, ସମସ୍ତେ ଶିକ୍ଷା ପାଇବେ । ଆମେ ଦେଶ ପରିବର୍ତ୍ତନ କରିବୁ'', ''ତୁମର ପିଲାମାନେ ଆମର ପିଲା ଆପଣ ସମସ୍ତଙ୍କୁ ନେଇ ମୋର ପରିବାର'' ଇତ୍ୟାଦି । ନେତାଙ୍କ ଭାଷଣରେ ସତ୍ୟତା କମ ଚଳଚ୍ଚିତ୍ର ସଂଳାପ ବେଶି ଥାଏ । ବାସ୍ତବରେ ସେମାନଙ୍କର ପିଲାମାନେ ବିଦେଶୀ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି, ଏବଂ ଜନସାଧାରଣଙ୍କ ପିଲାମାନେ ସରକାରୀ ବିଦ୍ୟାଳୟରେ ବିନା ପୁସ୍ତକରେ ଅଧ୍ୟୟନ କରନ୍ତି । ଦଙ୍ଗା କି ମରୁଡ଼ିରେ କେହି ମଲେ ତାଙ୍କ ପରିବାର ଲୋକଙ୍କ ପୂର୍ବରୁ ନେତା କାନ୍ଦନ୍ତି । ନେତାଙ୍କ ପାଖରେ ସବୁବେଳେ ଟାଙ୍କି ଟାଙ୍କି ଫୁଲ ଲୋତକ ଥାଏ । ଠିକ ସମୟରେ ସ୍ୱିଚରେ ଖାଲି ଟିପ ମାରିଲେ ଲୁହ ଆପେ ଆପେ ବହିଆସେ । ନେତାଙ୍କ ଟୋପାଏ ଲୁହରେ ଦେଶରେ ବ୍ରେକିଂ ନିଉଜ ହେଇଯାଏ । ଚାଷୀର ଆତ୍ମହତ୍ୟାରେ ନେତା କାନ୍ଦୁଛନ୍ତି । କ'ଣ ଛୋଟ କଥା !! ସେ ଚାଷୀର ଭାଗ୍ୟ ଦେଖି ତା' ମୃତ୍ୟୁରେ ନେତାଙ୍କ ଆଖିରେ ଲୁହ ! ଧନ୍ୟ ସେ ଭାଗ୍ୟବାନ ଚାଷୀ । ଆତ୍ମହତ୍ୟା ତାର ସାର୍ଥକ ହେଲା । ମଲା ନାହିଁ ଯେ କୁହ ଅମର ହେଇଗଲା । ନେତାଙ୍କ ଲୁହର କ୍ଲୋଜ ଅପ୍ ଫଟୋ ସହ ଚାଷୀର ନାଁ ଗାଁ ସହ ପରିବାର ସଦସ୍ୟଙ୍କ ଫଟୋ ଦେଶ ବିଦେଶର ନାମୀ ଦାମୀ ଖବରକାଗଜ ଓ ଟେଲିଭିଜନ ନିଉଜର ପ୍ରମୁଖ ଖବର ଭାବେ ପ୍ରସାରିତ ହେଲା । ଦେଖ, କେମିତି ଶାନ୍ତ ଶିଷ୍ଟ ଧୀର ସୁଧାର ପିଲା ଭଳି କୋକେଇ ଉପରେ ଶୋଇଛି । ଅଥଚ ଏତେ ଗରମ ସତ୍ତ୍ୱେ ଆମ ନେତା ରାଜଧାନୀରୁ ଯାକୁ ଦେଖିବା ପାଇଁ ଖୋଦ ଆସି ପହଂଚିଛନ୍ତି । ଯାହା କୁହ ଏପରି ସମ୍ବେଦନଶୀଳ ନେତା ବିରଳ । ବଞ୍ଚି ଥିଲା ବେଳେ ଲକ୍ଷେ ଟଙ୍କା କେବେ ଦେଖିନଥିଲା ହେଲେ ଦରଦୀ ନେତା ଦଶ ଲକ୍ଷ ଟଙ୍କା ଦେବେ ବୋଲି କହିଲେଣି । ଏସବୁ ତା ପୁଣ୍ୟ ଫଳ । ମଲା ନାହିଁ ଯେ ତରି ଗଲା । ଯାହା କୁହ ଚାଷୀର ବଞ୍ଚିବା ଅପେକ୍ଷା ଆତ୍ମହତ୍ୟାରେ ଲାଭ ଅଧିକ ।

ସମସ୍ତେ ନେତାଙ୍କ ଜୟଗାନ କଲେ । ନେତା ଚାଷୀର ଶବରେ ଫୁଲ ହାର ପକେଇଲେ । ପକେଟରୁ ରୁମାଲ ବାହାରକରି ଲୁହ ପୋଛିଲେ । ବିଭିନ୍ନ ମୁଦ୍ରାର ଅସଂଖ୍ୟ ଫଟୋ ଉଠିସାରିବା ପରେ ନେତା ଫେରିଲେ । ନେତାଙ୍କ ଏହା ଦେହସୁହା କଥା । ଲୋକଙ୍କ ପାଖକୁ ଯାଇ କିଛି ସହାନୁଭୂତି ସଂଗ୍ରହ କରିବା ଏବଂ ପରେ ସେମାନଙ୍କୁ ନିଜ ଭାଗ୍ୟରେ ଛାଡିଦେବା ହେଉଛି ସେମାନଙ୍କ ରଣନୀତି । ଯଦି ଚାଷୀର ଆତ୍ମହତ୍ୟାରେ ନେତା ଭାଙ୍ଗି ପଡିବେ ତେବେ ଦେଶକୁ କିଏ ଚଳେଇବ !!
ଏକ ଚଳଚ୍ଚିତ୍ରର ପ୍ରସିଦ୍ଧ ସଂଳାପ ଥିଲା– ତୁମ୍ କ୍ୟା ଜାନୋ ଏକ ବୁନ୍ଦ୍ ଆଂଶୁ କୀ କିମତ୍ । ପତ୍ନୀଙ୍କ ଗୋଟିଏ ବୁନ୍ଦା ଲୁହ ପତିଙ୍କ ପକେଟ ଖାଲି କରିଦେବାକୁ ଯଥେଷ୍ଟ । ଠିକ୍ ସେହିପରି ନେତାଙ୍କ ଲୁହରେ ଯଦି ଭୋଟର ଫସିଲେ ତେବେ ଦେଶର ରାଜକୋଷ ଖାଲି କରିଦେବାକୁ ନେତା ସକ୍ଷମ ।

କେଉଁ ଆବହମାନ କାଳରୁ ନେତାମାନଙ୍କ ଏହି ଡ୍ରାମା ଜାରି ରହିଛି, ଏବଂ ଜନସାଧାରଣ ତାଙ୍କ ଅଭିନୟରେ ପ୍ରତିଥର ଫସି ଯାଆନ୍ତି । ଏହାହିଁ ରାଜନୀତିର ଅସଲ ସ୍ୱରୂପ ଓ ବାସ୍ତବତା । ନେତାମାନେ ନିଜର ସ୍ୱାର୍ଥ ଲାଭ ପାଇଁ ଲୋକଙ୍କ ଭାବନା ସହିତ ଖେଳନ୍ତି । ସୁଯୋଗ ଦେଖି କାନ୍ଦନ୍ତି । ନେତାଙ୍କ କାନ୍ଦ ଦେଖି ଜନତା ଫସନ୍ତି ଆଉ ତାପରେ ଜନତା କାନ୍ଦନ୍ତି । ନେତା ଦିନେ କାନ୍ଦିଲେ ଜନତା ପାଞ୍ଚ ବର୍ଷ କାନ୍ଦିବେ । ଏ ଖେଳ ଏମିତି ଚାଲିଥିବ । ଯେତେଦିନ ପର୍ଯ୍ୟନ୍ତ ତାଳି ମାରିବାକୁ ଦର୍ଶକଙ୍କ ଅଭାବ ନଥିବ ସେତେଦିନ ଯାଏଁ ମଦାରୀ ତା' ଖେଳ ଦେଖେଇ ଚାଲିଥିବ । ଆମେ ବୁଝିବା କଥା ଲୁହ ହେଉଛି ନେତାଙ୍କ ପୁଞ୍ଜି । ସେ ପୁଞ୍ଜି ଯିଏ ଯେତେ ଚତୁର ଭାବେ ନିବେଶ କରିପାରିଲା ସେ ସେତିକି ମୁନାଫା ପାଇବ । ନେତାଙ୍କ ଲୁହକୁ କୁମ୍ଭୀରର କାନ୍ଦଣା ସହ ତୁଳନା କରିବା କୁମ୍ଭୀରର ଅପମାନ ହେବ ପରା !


*–ବନମାଳୀ ଭବନ, ଖାନ୍ ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ସ୍ୱାଧୀନତା ସଂଗ୍ରାମୀ ଲାଲ ବାହାଦୁର ଶାସ୍ତ୍ରୀ

**ଡକ୍ଟର ପ୍ରଦୀପ କୁମାର ସ୍ୱାଇଁ**
**ପ୍ରକାଶକ–ଏଥେନା ବୁକ୍ସ, ଭୁବନେଶ୍ୱର**
**ମୂଲ୍ୟ– ୬୦ଟଙ୍କା**


ସ୍ୱାଧୀନତା ସଂଗ୍ରାମୀ ଲାଲ ବାହାଦୁର ଶାସ୍ତ୍ରୀ ଡକ୍ଟର ପ୍ରଦୀପ କୁମାର ସ୍ୱାଇଁଙ୍କ ପୁସ୍ତକ । ଏଥିରେ ସେ ସ୍ୱାଭିମାନୀ ଓ ନିତିନିଷ୍ଠ ଶାସ୍ତ୍ରୀଙ୍କ ସମ୍ପର୍କରେ ବିଭିନ୍ନ କଥା ଆଲୋଚନା କରିଛନ୍ତି । ୧୯୫୫–୫୬ ମସିହାରେ ଅନେକ ରେଳ ଦୁର୍ଘଟଣା ଘଟିଲା । ଗୋଟିଏରେ ୧୪୪ ଜଣ ଓ ଅନ୍ୟଟିରେ ୧୧୨ ଜଣଙ୍କର ମୃତ୍ୟୁ ହେଲା । ରେଳମନ୍ତ୍ରୀ ଲାଲବାହାଦୁର ଏଥିପାଇଁ ନିଜକୁ ଦାୟୀକରି ପଦରୁ ଇସ୍ତଫା ଦେଲେ । ପ୍ରଥମ ଇସ୍ତଫାପତ୍ରକୁ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଗ୍ରହଣ କଲେ ନାହିଁ । ତଥାପି ସ୍ୱାଭିମାନୀ ଶାସ୍ତ୍ରୀଜି ତାଙ୍କ ଇସ୍ତଫା ପତ୍ର ଫେରାଇ ନେଲେନି । ସେହିପରି ଆଉ ଏକ ଉଦାହରଣ ହେଉଛି, ସାଧାରଣ ସଭାଗୁଡିକରେ ଲାଲ ବାହାଦୁର ଅତିଥିମଣ୍ଡପ ଉପରେ ନ ବସି ଶ୍ରୋତାମାନଙ୍କ ସହ ବସିବାକୁ ପସନ୍ଦ କରୁଥିଲେ । ଗସ୍ତ ସମୟରେ ସାଧାରଣ ବିଶ୍ରାମାଗାରରେ ରହୁଥିଲେ । ସରକାରୀ ପଦବୀର ଅପବ୍ୟବହାର କରୁ ନ ଥିଲେ । ତେଣୁ ସେ ପ୍ରକୃତରେ ଥିଲେ ଜଣେ ସ୍ୱାଭିମାନୀ ଆଉ ଦେଶଭକ୍ତ ସ୍ୱାଧୀନତା ସଂଗ୍ରାମୀ । ପୁସ୍ତକରେ ଡକ୍ଟର ସ୍ୱାଇଁ ଯେଉଁ ପ୍ରସଙ୍ଗ ସବୁ ଅବତାରଣା କରିଛନ୍ତି ତାହା ବାସ୍ତବରେ ପାଠକଙ୍କୁ ଛୁଇଁବ ।




### ସାରଳା ସାହିତ୍ୟରେ ଭୌଗୋଳିକ ବର୍ଣ୍ଣନା

**ଡକ୍ଟର ଅଞ୍ଜଳି ତ୍ରିପାଠୀ, ପ୍ରକାଶକ– ବିଦ୍ୟାପୁରୀ, ବାଲୁବଜାର, କଟକ– ୨, ମୂଲ୍ୟ– ୪୨୫ଟଙ୍କା**

ପୁସ୍ତକର ପ୍ରଥମ ପରିଚ୍ଛେଦରେ ସାରଳା ସାହିତ୍ୟର ପୃଷ୍ଠଭୂମି, ଭୌଗୋଳିକ ଉପାଦାନ, ଦ୍ୱିତୀୟ ପରିଚ୍ଛେଦରେ ବ୍ରହ୍ମାଣ୍ଡ ଭୂଗୋଳ–ବିଶ୍ୱର କଳ୍ପନା, ତୃତୀୟ ପରିଚ୍ଛେଦ ଖ–ଗୋଳୀୟ ଭୂଗୋଳ, ଚତୁର୍ଥ ପରିଚ୍ଛେଦ ପୃଥିବୀର ପ୍ରାକୃତିକ ଭୂଗୋଳ, ପଞ୍ଚମ ପରିଚ୍ଛେଦ ପୃଥିବୀର ଆଞ୍ଚଳିକ ଭୂଗୋଳ, ସପ୍ତମ ପରିଚ୍ଛେଦ ଅର୍ଥନୀତିକ ଭୂଗୋଳ ଓ ଅଷ୍ଟମ ପରିଚ୍ଛେଦରେ ମାନବ– ଭୂଗୋଳ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଓଡ଼ିଆ ସାହିତ୍ୟରେ ସିଦ୍ଧ ସାହିତ୍ୟ ଯୁଗ ପରେ 'ସାରଳାଯୁଗ'ର ଆବିର୍ଭାବ ଘଟିଥିଲା । ସାରଳା ଦାସଙ୍କ କବିତ୍ୱ ଯୁଗ ଯୁଗ ଧରି ଓଡ଼ିଆ ସାହିତ୍ୟର କବି ଓ ଲେଖକମାନଙ୍କୁ ପ୍ରଭାବିତ କରିଛି । ସାରଳା ସାହିତ୍ୟ ଓଡ଼ିଆ ଜାତୀୟ ସାହିତ୍ୟର ମୌଳିକ ଉତ୍ସ, ଏକ ବିଶାଳ ଅସରନ୍ତି ଜ୍ଞାନର ଭଣ୍ଡାର, ଯାହାକୁ ନେଇ ଓଡ଼ିଶାର ସାଂସ୍କୃତିକ ଜୀବନ ପରିପୁଷ୍ଟ ହୋଇଛି । ତେଣୁ ସାରଳା ଦାସଙ୍କୁ ଓଡ଼ିଆ ସାହିତ୍ୟର ଆଦିକବି ସମ୍ମାନ ଅର୍ପଣ କରାଯାଏ । ପୁସ୍ତକରେ ଲେଖିକା ତ୍ରିପାଠୀ ଯେଉଁ ବିଷୟରେ ଅବତାରଣା କରିଛନ୍ତି ତାହା ଅତ୍ୟନ୍ତ ଉପଯୋଗୀ ଓ ପାଠକୀୟ ସ୍ୱୀକୃତି ଲାଭ କରିବ ।




### କୁହୁକିନୀ ସୀତାବିଞ୍ଜି


**ଲେଖିକା ସୁନୀତା ଶତପଥୀ, ପ୍ରକାଶକ– ଓଡ଼ିଶା ମଲ୍ଟିମିଡିଆ, ସିଡିଏ, ବିଡାନାସୀ, କଟକ–୧୪, ମୂଲ୍ୟ–୩୦୦**

ଗୋପୀନାଥ ମହାନ୍ତିଙ୍କ ଅପ୍ରକାଶିତ କବିତା ହେଉଛି ସୀତାବିଞ୍ଜି । କେନ୍ଦୁଝର ଜିଲାରେ ସୀତାବିଞ୍ଜି ଅବସ୍ଥିତ । ସୃଷ୍ଟିର ବିଶାଳ କାନ୍‌ଭାସ ଭିତରେ ଅଚାନକ ଗୋପୀନାଥଙ୍କର ସାକ୍ଷାତ୍ ହୁଏ ସୀତାବିଞ୍ଜି ସହିତ । ସ୍ଥାନର ନାମକରଣ ସମ୍ପର୍କରେ ଆଲୋଚକଙ୍କ ଅନ୍ୟମତ ମଧ୍ୟ ରହିଛି । ଏହି ସ୍ଥାନ ବିନ୍ଧ୍ୟୋପଳ ନାମରେ ମଧ୍ୟ ନାମିତ । ଆର୍ଥାତ୍ ବିନ୍ଧ୍ୟ ପର୍ବତର ଶେଷ ଭାଗରେ ବୋଲି କୁହାଯାଏ । ପୂର୍ବେ ବିନ୍ଧ୍ୟାଞ୍ଚଳ ଗଣ୍ଡୱାନାରୁ କେନ୍ଦୁଝର, ମୟୂରଭଞ୍ଜ ଓ ଶିମିଳିପାଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସୀତାବିଞ୍ଜି ମଧ୍ୟ ତାର ବ୍ୟତିକ୍ରମ ନୁହେଁ । କାରଣ ଏହାର ଅନତିଦୂରରେ ସୀତାନଦୀ ପ୍ରବାହିତ ହୋଇଛି ବୋଲି ଆଲୋଚକଙ୍କ ମତ । ବିନ୍ଧ୍ୟ ସହିତ କେନ୍ଦୁଝରର ସମ୍ପର୍କକୁ ପ୍ରାଚୀନ କାଳରୁ ସ୍ୱୀକାର କରାଯାଇଥିବାରୁ ବୈତରଣୀ ନଦୀକୁ ପୁରାଣ ଓ ବେଦ ଆଦିରେ ବିନ୍ଧ୍ୟ ପାଦାଗ୍ର ସମ୍ଭୂର୍ଣ୍ଣ ବୋଲି କୁହାଯାଇଛି । ତେଣୁ ଏହିସବୁ ନଦୀ ଅଞ୍ଚଳକୁ ବିନ୍ଧ୍ୟୋପଳ ବୋଲି କୁହାଯାଏ । ସୀତାବିଞ୍ଜି ସେହି ବିନ୍ଧ୍ୟ ଶବ୍ଦରୁ ସୀତାବିନ୍ଧ୍ୟ ବା ସୀତାବିଞ୍ଜ ରୂପେ କଥିତ ହୁଏ । ତେଣୁ ପୁସ୍ତକରେ ଲେଖିକା ଶତପଥୀ ରଙ୍ଗୀନ ଫଟୋ ସହ ଅନେକ ତଥ୍ୟ ଓ ଉଦାହରଣ ସଂଗ୍ରହ କରି ଦେଇଛନ୍ତି ; ଯାହା ପାଠକଙ୍କ ମନକୁ ଛୁଇଁବ ।



# ଦୋଳି ଝୁଲି ଝୁଲି ରେକର୍ଡ

ଇଂଲଣ୍ଡର ରିଚାର୍ଡ ସ୍କଟ୍‌ଙ୍କ ବୟସ ୫୩ ବର୍ଷ। ତିନୋଟି ସନ୍ତାନର ବାପା। ଏ ବୟସରେ ବି ସେ ବହୁତ ଫିଟ୍। ନିକଟରେ ସେ କରାଟେରେ ବ୍ଲାକ୍ ବେଲ୍ଟ ହାସଲ କରିଛନ୍ତି। ତେଣୁ ସେ ନିଷ୍ପତ୍ତି ନେଲେ କିଛି ନିଆରା କରି ୱାର୍ଲ୍ଡ ରେକର୍ଡ କରିବେ। ହେଲେ କ'ଣ କରିବେ ନିଷ୍ପତ୍ତି ନେଇପାରୁ ନ ଥିଲେ। ପିଲାଦିନେ ଦୋଳି ଖେଳିବାକୁ ସେ ଖୁବ୍ ଭଲ ପାଉଥିଲେ। ବଡ଼ ହେବା ପରେ ବ୍ୟବସାୟ ସହ ସଂସାରରେ ବ୍ୟସ୍ତ ରହି ଦୋଳିଖେଳିବା ବନ୍ଦ ହୋଇଯାଇଥିଲା। ଦିନେ ସେ ଭାବିଲେ ଦୋଳି ଖେଳକୁ ନେଇ ରେକର୍ଡ କରିବେ। ତେଣୁ ସର୍ଚ୍ଚ କଲେ ଏଭଳି କିଛି ରେକର୍ଡ ହୋଇଛି କି ନାହିଁ। ଦେଖିଲେ ଜଣେ ବ୍ୟକ୍ତି ୩୪ ଘଣ୍ଟା ଦୋଳି ଝୁଲି ରେକର୍ଡ କରିଛନ୍ତି। ସେ ନିଷ୍ପତ୍ତି ନେଲେ ଯାଠୁ ଅଧିକ ସମୟ ଦୋଳି ଝୁଲି ସେ ରେକର୍ଡ କରିବେ। ଦୋଳି ଖେଳି ରେକର୍ଡ କରିବା କଥା ଶୁଣିବାକୁ ସହଜ ଲାଗିପାରେ। ହେଲେ ଏହା ଏତେଟା ସହଜ ନୁହେଁ। ରିଚାର୍ଡ ମଝିରେ ମଝିରେ ଖାଇବା ଓ ଟଏଲେଟ୍ ଯିବାପାଇଁ ବ୍ରେକ୍ ନେଉଥିଲେ। ଯେତିକି ସମୟ ଏଥିପାଇଁ ନେଉଥିଲେ ସେତିକି ସମୟ ସେ ଅଧିକ ଦୋଳି ଖେଳୁଥିଲେ। ଏମିତି କରି ସେ ୩୬ ଘଣ୍ଟା ୩୨ ମିନିଟ୍ ମାରାଥନ ଦୋଳି ଖେଳି ରେକର୍ଡ କଲେ। ରିଚାର୍ଡ କୁହନ୍ତି, 'ଏହି ରେକର୍ଡ କରିବା ଯେତିକି ମଜାଦାର ଥିଲା ତା'ଠୁ ବେଶି କଷ୍ଟକର ଥିଲା। ଆଗାମୀ ଦିନରେ କଷ୍ଟ ହେଉପଛେ ମୁଁ ମୋର ଏହି ରେକର୍ଡକୁ ନିଜେ ଭାଙ୍ଗିବାକୁ ଚେଷ୍ଟା କରିବି।'





# ଚକୋଲେଟ୍‌ରେ କାରିଗରି

ଦିନେ ଏ ପୃଥିବୀରେ ଥିଲେ ବିରାଟକାୟ ପ୍ରାଣୀ ଡାଇନୋସର୍ । ଯଦିଓ ଏବେ ଆଉ ସେମାନେ ନାହାନ୍ତି, ହେଲେ ଜୀବାଶ୍ମରୁ ସେମାନଙ୍କ ସମ୍ପର୍କରେ ଅନେକ କିଛି ଜଣାପଡ଼େ। ଏହି ଡାଇନୋସର୍‌ଙ୍କୁ ନେଇ ସଂଗ୍ରହାଳୟ କରାଯିବା ସହ ଚଳଚ୍ଚିତ୍ର ବି ତିଆରି ହୋଇଛି। ହେଲେ ଜାଣନ୍ତି କି ଜଣେ ବ୍ୟକ୍ତି ଚକୋଲେଟ୍‌ରେ ତିଆରି କରିଛନ୍ତି ଏକ ବିରାଟକାୟ ଡାଇନୋସର୍। ଏହି ବ୍ୟକ୍ତି ଜଣକ ହେଉଛି ପୃଥିବୀ ପ୍ରସିଦ୍ଧ ଚକୋଲେଟିୟର ଆମୋରି ଗୁଇଚୋନ। ଗୁଇଚୋନଙ୍କର ଏହି ଚକୋଲେଟ୍ ଡାଇନୋସର୍‌ର ଉଚ୍ଚତା ୮ ଫୁଟ ଓ ଓଜନ ୨୫୦ କି.ଗ୍ରା.ର । ଏହି ଚକୋଲେଟ୍ ଡାଇନୋସର୍‌ଟି ବେଶ୍ ସତସତିକା ଲାଗେ। ଏହାକୁ ତିଆରି କରିବା ଲାଗି ଗୁଇଚୋନଙ୍କୁ ୧୦ ଦିନ ସମୟ ଲାଗିଥିଲା। ଡାଇନୋସର୍ ବ୍ୟତୀତ ସେ ଚକୋଲେଟ୍‌ରେ ୭.୫ ଫୁଟ ଲମ୍ବା ଶାର୍କ, ୭ ଫୁଟ ଉଚ୍ଚ ଷ୍ଟାଚ୍ୟୁ ଅଫ୍ ଲିବର୍ଟି, ୮ ଫୁଟ ଉଚ୍ଚତାର ଜିରାଫ, ବିରାଟକାୟ ସିଂହ ବି ତିଆରି କରିଛନ୍ତି। ଆଉ ତାଙ୍କର ସବୁ କଳାକୃତି ଗୋଟେ ଗୋଟେ ମାଷ୍ଟର ପିସ୍।



ବ୍ୟାକ୍ ପେଜ୍




# ଏତେ ବଡ଼ ବାଇକ୍!



ବାଇକ୍ ଚଲାଇବାକୁ ପ୍ରାୟ ସବୁ ପୁରୁଷ ଭଲ ପାଆନ୍ତି। କହିବାକୁଗଲେ ବିଭିନ୍ନ ପ୍ରକାରର ବାଇକ୍ ଚଲାଇବା ହେଉଛି ପୁରୁଷଙ୍କର ଏକ ନିଶା। ତେଣୁ ଏଠି ଆମେ ଯେଉଁ ବାଇକ୍ କଥା କହୁଛୁ ସେ ବାଇକ୍‌କୁ ଜୀବନରେ ଥରେ ଚଲାଇବାକୁ ଯେ କେହି ଚାହିଁବେ। ଏ ବାଇକ୍ ଜିରାଫ ଭଳି ଡେଙ୍ଗା ଓ ହାତୀ ଭଳି ଓଜନିଆ। ତଥାପି ଏହାକୁ ଚଲାଇ ହୁଏ। ଇଟାଲୀର ଫାବିଓ ରେଗିଆନି ଏହି ବାଇକ୍ ତିଆରି କରିଛନ୍ତି। ବାଇକ୍‌ଟିର ଉଚ୍ଚତା ୧୬ ଫୁଟ୍ ୮.୭୮ ଇଞ୍ଚ, ଯାହାକି ଏକ ବୟସ୍କ ଜିରାଫର ଉଚ୍ଚତା ସହ ସମାନ। ଏହାର ଲମ୍ବ ୧୦.୦୩ ମିଟର ଓ ଓସାର ୨.୫ ମିଟର। ଓଜନ ୫୦୦୦ କି.ଗ୍ରା., ଯାହାକି ହାତୀର ଓଜନ ସହ ସମାନ। ଏହା ୨୮୦ ହର୍ଷପାୱାର ଯୁକ୍ତ ହେବା ସହ ଏଥିରେ ତିନୋଟି ଫରୱାଡ୍ ଗିୟର, ତିନୋଟି ରିଭର୍ସ ଗିୟର ବି ଅଛି। ସାଧାରଣ ବାଇକଠୁ ଏହା ଛଅ ଗୁଣ ଅଧିକ ବଡ଼। ଉକ୍ତ ବାଇକ ତିଆରି କରିବାକୁ ଫାବିଓ ୮ ଜଣିଆ ଟିମ୍ ତିଆରି କରିଥିଲେ। ଛଅ ମାସରେ ଏହାର ନିର୍ମାଣ ସରିଥିଲା। ଏୟାରବ୍ରଶିଂ ଓ ସ୍ପ୍ରେ ପେଣ୍ଟିଂ କମ୍ପାନୀର ମାଲିକ ଫାବିଓ କୁହନ୍ତି,'ମୋତେ ଚ୍ୟାଲେଞ୍ଜ ଭଲ ଲାଗେ। ତେଣୁ ମୁଁ ନିଜକୁ ଚ୍ୟାଲେଞ୍ଜ କରିଥିଲି କିଛି ଅସମ୍ଭବ ତିଆରି କରିବାକୁ। ମୁଁ ମୋ ଟିମ୍ ସହ ମିଶି ଏହି ବିରାଟକାୟ ବାଇକ ତିଆରି କରିଦେଖାଇଲୁ। ଆଉ ତାହା ପୃଥିବୀର ସବୁଠାରୁ ଡେଙ୍ଗା ବାଇକ୍ ଭାବେ ଗିନିଜ ୱାର୍ଲ୍ଡ କେରର୍ଡସ୍‌ରେ ସ୍ଥାନ ବି ପାଇଲା।'